Bhubaneswar- 5 July 2026
ଭୁବନେଶ୍ୱର- ୫ ଜୁଲାଇ ୨୦୨୬
Vol- 1 Issue - 69
ଭାଗ- ୧ ସଂଖ୍ୟା- ୬୯
www.pratishabda.com
Email : pratishabda7@gmail.com
Also Available In : YouTube


# ପ୍ରତିଶବ୍ଦ
THE PRATISHABDA


୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୨୯୨୭୦୧୦୦୭

# ରାଜ୍ୟରେ ବେହାଲ କରୁଛି ଲଗାଣ ବର୍ଷା

## ୫ ଜିଲ୍ଲାକୁ ଅତି ଭୀଷଣ ବର୍ଷା ନେଇ ରେଡ୍ ଆଲର୍ଟ

- ୨୪ ଜିଲ୍ଲାକୁ ପାଣିପାଗ ବିଭାଗର ୱାର୍ଣ୍ଣିଂ
- ଡ୍ରେନ୍‌ରେ ଭାସି ଜଣେ ଯୁବକ ନିଖୋଜ
- ମାଛକୁଣ୍ଡ ଡ୍ୟାମର ଗେଟ୍ ଖୋଲିଲା
- ରାସ୍ତା ଉପରେ ଚାଲିଛି ଆଣ୍ଠୁଏ ପାଣି
- ବାହ୍ୟ ଜଗତରୁ ବିଚ୍ଛିନ୍ନ ତଳିଆ ଅଞ୍ଚଳ
- ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ସଜାଗ






**ଭୁବନେଶ୍ୱର:** ଲଘୁଚାପ ପ୍ରଭାବରେ ଦୁଇ ଦିନ ହେଲା ଲଗାତର ବର୍ଷୁଛି । ସାରା ରାଜ୍ୟରେ ଜାରି ରହିଛି ବର୍ଷା । କେଉଁଠି ଘରେ ପାଣି ପଶିଛି ତ ଆଉ କେଉଁଠି ପାଣି ଘେରରେ ପୁରା ଅଂଚଳ । ଲଗାଣ ବର୍ଷାରେ ରାସ୍ତା ଉପରେ ଚାଲିଛି ଆଣ୍ଠୁଏ ପାଣି, ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି ତଳିଆ ଅଂଚଳ । କୋରାପୁଟରୁ କଟକ, ବୌଦ୍ଧରୁ ବାଲେଶ୍ୱର, ଲଘୁଚାପ ବର୍ଷାରେ ବେହାଲ ସାରା ରାଜ୍ୟ । ଲଗାଣ ବର୍ଷାରେ ବୁଡ଼ିଛି ଘରଦ୍ୱାର । ରାସ୍ତା ଉପରେ ନଦୀର ଭ୍ରମ । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର କୁଳିଆପାଳି ରାସ୍ତାରେ ବହୁଛି ତିନି ଫୁଟର ପାଣି । ଫଳରେ କଣ୍ଟାମାଳରୁ ଶଗଡ଼ା ମଧ୍ୟରେ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି ଯାତାୟାତ । ଘର ଆଗରେ ଜମିଛି ଆଣ୍ଠୁଏ ପାଣି । ବର୍ଷା ଥମିଲେ ପାଣି ନିଷ୍କାସନ ହେବ ତାପରେ ବାହାରିବା ଚିନ୍ତା । ସୁବର୍ଣ୍ଣପୁର ବୀରମହାରାଜପୁର ତହସିଲ ସୁବଳୟା ବାବାମଠ ସାହିରେ ଜଳବନ୍ଦୀ ଜୀବନ । ସେହିପରି ଦିନକର ବର୍ଷାରେ ଭଦ୍ରକ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ହାଲ୍ ବେହାଲ । ମେଡିକାଲରେ ପାଣି.. ୱାର୍ଡ ଭିତରେ.. ରୋଗୀଙ୍କ ବେଡ ତଳେ ବି । ଯାଜପୁରରେ ମଧ୍ୟ ଲଗାଣ ବର୍ଷାରେ ଶିବ ମନ୍ଦିରରେ ଜମିଛି ୪ ଫୁଟର ପାଣି । ବୁଡି ଯାଇଛନ୍ତି ପାର୍ବତୀ, ଅଳ୍ପ ଦିଶୁଛନ୍ତି ଅଗ୍ନିଶ୍ୱର । ଜଳମଗ୍ନ ମନ୍ଦିର ପରିସର । ଫଳରେ ମହାଦେବଙ୍କ ଠିକରେ ନୀତିକାନ୍ତି ହୋଇପାରୁନି କି ଦର୍ଶନ । ତୁହାକୁ ତୁହା ବର୍ଷା ପରେ ରାଜଧାନୀରେ ବି ଜଳବନ୍ଦୀ ସ୍ଥିତି । ଜାଗା ଜାଗାରେ ଜମିଛି ଆଣ୍ଠୁଏ ଉଚ୍ଚର ପାଣି । ଭୁବନେଶ୍ୱର ଉପକଣ୍ଠ ରୁଦ୍ରପୁରର ବିଏମସି ୪ ନମ୍ବର ୱାର୍ଡର ବୈଭବ ନଗର ଓ ମିଲେନିୟମ ସିଟିରେ ଲୋକେ ଘରୁ ବାହାରିବା ମୁସ୍କିଲ । ସମ୍ପୂର୍ଣ୍ଣ ଅଞ୍ଚଳ ଏବେ ଜଳମଗ୍ନ । ବାହ୍ୟ ଜଗତରୁ ପୁରା ବିଚ୍ଛିନ୍ନ ହୋଇପଡିଥିବା ଏହି ଅଂଚଳରୁ ପାଣି ନିଷ୍କାସନ ପାଇଁ ବିଏମସି ପମ୍ପ ଲଗାଇଛି । କେବଳ ଏହି ଅଂଚଳ ନୁହେଁ, ଅନେକ ଆପାର୍ଟମେଣ୍ଟ ଓ ତଳିଆ ଅଂଚଳରେ ସୃଷ୍ଟି ହୋଇଛି ଜଳବନ୍ଦୀ ସ୍ଥିତି । କିଛି ସ୍ଥାନରେ ଗଛ ମଧ୍ୟ ପଡିଛି । ବିଏମସି କମାଣ୍ଡ କଣ୍ଟ୍ରୋଲ ରୁମରୁ ସହରର ସବୁ ସ୍ଥାନକୁ ମନିଟରିଂ କରାଯାଉଛି ।

ଅନ୍ୟପଟେ ବର୍ଷା ଆସୁ ଆସୁ ରାଜଧାନୀ ଭୁବନେଶ୍ୱରରେ ଅଘଟଣ । ବାଣୀବିହାର ଡ୍ରେନ୍‌ରେ ଭାସି ଜଣେ ଯୁବକ ନିଖୋଜ । ପ୍ରବଳ ସ୍ରୋତରେ ସ୍ଥାନୀୟ ଜଣେ ଯୁବକ ଭାସି ଯାଇ ନିଖୋଜ ଥିବା ଜଣାପଡ଼ିଛି । ଅଗ୍ନିଶମ କର୍ମଚାରୀ ଓ ପୁଲିସ ପକ୍ଷରୁ ଖୋଜାଖୋଜି କରାଯାଉଛି । ନିଖୋଜ ବ୍ୟକ୍ତିଙ୍କ ନାଁ ଅନୀଲ । ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ । ବାଣୀବିହାର ନିକଟ ପଥରବନ୍ଧ ବସ୍ତିରେ ରହୁଥିବା ୩୫ ବର୍ଷୀୟ ଅନୀଲ ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ ପ୍ଲାଷ୍ଟିକ ସଂଗ୍ରହ ପାଇଁ ପାଣିକୁ ପଶୁଥିବା ବେଳେ ଏ ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏହି ଖବର ମିଳିବା ମାତ୍ରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ପୁଲିସ ଓ ଅଗ୍ନିଶମ ବାହିନୀ ଟିମ୍ । ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ୍ । ପ୍ରବଳ ବର୍ଷା ଭିତରେ ଘଣ୍ଟା ଘଣ୍ଟା ଧରି ଖୋଜାଖୋଜି ପରେ ମଧ୍ୟ ବି ଅନୀଲଙ୍କର କୌଣସି ପତ୍ତା ମିଳିନି ସେପଟେ ଦୁଇ ଦିନର ଲଗାଣ ବର୍ଷା ପରେ ଖୋଲିଛି ମାଛକୁଣ୍ଡ ଡି.ଡ୍ୟାମ୍ ର ପ୍ରଥମ ଗେଟ୍ । ମାଲକାନଗିରି ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ନିଷ୍କାସନ ହୋଇଛି ବର୍ଷା ଜଳ । ଚଳିତ ବର୍ଷ ପ୍ରଥମଥର ପାଇଁ ଡ୍ୟାମ୍ ର ଫାଟକ ଖୋଲାଯାଇଥିବାରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି । ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି । ଆଇଏମଡିର ରେଡ ଆଲର୍ଟରେ ଓଡ଼ିଶା । ସକ୍ରିୟ ସ୍ୱଷ୍ଟ-ଚିହ୍ନିତ ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡିଶା, ଗୁଜରାଟ, ସୌରାଷ୍ଟ୍ର, ପଶ୍ଚିମ ମଧ୍ୟପ୍ରଦେଶ, ମଧ୍ୟ ମହାରାଷ୍ଟ୍ର ଏବଂ କୋଙ୍କନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ପାଇଁ ରେଡ ଆଲର୍ଟ ଜାରି କରାଯାଇଛି । ଓଡ଼ିଶା ପାଇଁ ସତର୍କତା ଜାରି କରାଯାଇଥିବା ବେଳେ ଆଜି ୫ ଜିଲ୍ଲାରେ ଅତି ଭୀଷଣ ବର୍ଷା ନେଇ ଆଲର୍ଟ କରାଯାଇଛି । ଆଜିଠାରୁ ଆସନ୍ତାକାଲି ସକାଳ ସାଢ଼େ ୮ଟା ଯାଏଁ ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ ଓ କଳାହାଣ୍ଡିକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ସେହିପରି ୫ରୁ ୬ତାରିଖ ସକାଳ ସାଢ଼େ ୮ଟା ଯାଏଁ ନୂଆପଡ଼ା, ବରଗଡ଼, ସମ୍ବଲପୁର ପାଇଁ ସତର୍କତା ଜାରି କରାଯାଇଛି ।

## ଆଇଆଇସିଙ୍କ ସନ୍ଦେହ ଜନକ ମୃତ୍ୟୁ

### ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର



**କଟକ :** କଟକ ଚାଉଳିଆଗଞ୍ଜ ଥାନା ଆଇଆଇସି ବ୍ୟୁଟି ମହାନ୍ତିଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି । ଥାନା କ୍ୱାର୍ଟର୍ସରୁ ଆଇଆଇସି ବ୍ୟୁଟି ମହାନ୍ତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରିଛି ଚାଉଳିଆଗଞ୍ଜ ପୋଲିସ । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି ପୁଲିସ । ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍ୱାଭାବିକ ଅବସ୍ଥାରେ ଡ୍ୟୁଟି କରିଥିଲେ ଆଇଆଇସି ବିୟୁଟି ମହାନ୍ତି । ରାତି ସାଢେ ୧୦ଟା ପରେ ମହିଳା ଥାନା ଅଧିକାରୀ ଜଣକ ନିଜ ସରକାର ବାସଭବନକୁ ନଯାଇ, ଥାନାର ଉପର ମହଲାରେ ଥିବା ରେଷ୍ଟରୁମ୍କୁ ଯାଇଥିଲେ । ରାତିରେ ତାଙ୍କ ଅର୍ଡ଼ର୍ଲି ଖାଇବାକୁ ନେଇ ଯାଇଥିଲେ ମଧ୍ୟ କଲ୍ ଉଠାଇନଥିଲେ ଆଇଆଇସି ମାଡାମ୍ । ତେଣୁ ସେ ରାତିରେ ଖାଇନଥିଲେ । ଶନିବାର ସକାଳୁ ସେ ବହୁ ସମୟ ଧରି କବାଟ ଖୋଲିନଥିଲେ । ଏମିତିକି ତାଙ୍କୁ ବହୁ ବାର ଫୋନ୍ କରାଯିବ ସତ୍ତ୍ୱେ ସେ ଫୋନ୍ ଉଠାଇନଥିଲେ । ଫଳରେ ଥାନାର କର୍ମଚାରୀମାନେ ସନ୍ଦେହ କରିଥିଲେ । ଏହା ପରେ ଥାନାରୁ କିଛି କର୍ମଚାରୀ ଯାଇ ରେଷ୍ଟରୁମ୍ର କବାଟ ବାଡ଼େଇଥିଲେ । ତଥାପି ରେଷ୍ଟରୁମ୍ ଭିତରୁ କିଛି ବି ପ୍ରତିକ୍ରିୟା ମିଳିନଥିଲା । ପୋଲିସର ବରିଷ୍ଠ ଅଧିକାରୀ ମାନେ ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ । ସେମାନଙ୍କ ନିର୍ଦ୍ଦେଶରେ ରେଷ୍ଟରୁମ୍ର କବାଟ ଭଙ୍ଗା ଯାଇଥିଲା । ରୁମ୍ ଭିତରେ ଆଇଆଇସି ବିୟୁଟି ମହାନ୍ତିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ସମସ୍ତେ । ପରେ ତାଙ୍କୁ ଉଦ୍ଧାର କରି କଟକ ଏସସିବି କୁ ନିଆଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଆଇଆଇସି ବିୟୁଟି ମହାନ୍ତିଙ୍କ ମୃତ୍ୟୁ ଘଟଣାରେ ଟ୍ୱିନ୍ ସିଟି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂହ କହିଛନ୍ତି ଯେ ସବୁ ଆତ୍ମହତ୍ୟା ପଛରେ କିଛି କାରଣ ଥାଏ । ବିନା କାରଣରେ ହୁଏନି । ତାଙ୍କର କୌଣସି ବ୍ୟକ୍ତିଗତ କାରଣ ଥାଇପାରେ । ସେନେଇ ଅନୁଧ୍ୟାନ କରିବୁ । କାଲି ରାତିରେ ସେ ଘରକୁ ଯାଇ ନଥିଲେ । ଥାନା ରେଷ୍ଟ ରୁମରେ ଥିଲେ । ସେ ଶାରୀରିକ ଓ ମାନସିକ ଭାବେ ବହୁତ ଦୃଢ଼ ଥିଲେ । କେବେ କୌଣସି ସମସ୍ୟା ନେଇ ଆମକୁ କହି ନାହାନ୍ତି । କମିଶନରେଟ୍ ପୋଲିସରେ ସେ ଭଲ କାମ କରୁଥିଲେ । ତାଙ୍କର ପବ୍ଲିକ ଡିଲିଂ ଭଲ ଥିଲା । ତଦନ୍ତ ପରେ ତାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ଜଣାପଡ଼ିବ । ଖବର ପାଇଁ କଟକ ଏସସିବି ରେ ପହଞ୍ଚିଥିଲେ ମୃତ ଆଇଆଇସି ବିୟୁଟି ମହାନ୍ତିଙ୍କ ବାପଘର ଓ ଶାଶୁଘର ଲୋକେ । ବିୟୁଟି ମହାନ୍ତିଙ୍କ ସ୍ୱାମୀ ମୁମ୍ବାଇରେ ଏକ କମ୍ପାନୀରେ ଚାକିରି କରନ୍ତି । ସେ ମଧ୍ୟ ଖବର ପାଇ ଆସି କଟକରେ ପହଞ୍ଚିଛନ୍ତି । ବିୟୁଟି ମହାନ୍ତିଙ୍କର ୧୦ ବର୍ଷର ପୁଅ ମଧ୍ୟ ଅଛି । ତାଙ୍କୁ ମଧ୍ୟ କଟକ ଏସସିବି ରେ ଦେଖିବାକୁ ମିଳିଥିଲା । ମହିଳା ଆଇଆଇସି ବିୟୁଟି ମହାନ୍ତି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରୁଛି ପୋଲିସ ।

## ଅଟୋକୁ ପିଟିଲା ଟ୍ରକ୍
## ବାପା ଓ ପୁଅ ମୃତ

### ମା' ଓ ଅନ୍ୟଜଣେ ଶିକ୍ଷୟିତ୍ରୀ ଗୁରୁତର

**ବାରିପଦା :** ଆଜି ମଧ୍ୟାହ୍ନ ପ୍ରାୟ ୧୨ ଟା ସମୟରେ ୨୨୦ ନମ୍ବର ଜାତୀୟ ରାଜପଥର କାଳିକାପୁର ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ।ଏକ ଅଟୋ କରଞ୍ଜିଆ ପଟରୁ ଯାଉଥିବା ବେଳେ ଏକ ଟ୍ରକ ଅପର ପଟରୁ ଆସି ଅଟୋକୁ ଧକ୍କା ଦେଇଥିଲା । ଅଟୋଟି ଭାରସାମ୍ୟ ହରାଇ ଏକ ଗଛରେ ବାଡ଼େଇ ହୋଇଯାଇଥିଲା । ଅଟୋରେ କରଞ୍ଜିଆ ବ୍ଲକ, ବଡ଼ଗାଁ ପଞ୍ଚାୟତ,ଖଣ୍ଡିଆଦର ଗାଁର ଗଣ କିସ୍କୁ ତାଙ୍କ ସ୍ତ୍ରୀ ନିରୁ କିସ୍କୁ (୩୦) ଓ ୮ ବର୍ଷର ପୁଅ ରାମରାଜ କିସ୍କୁ କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଅସୁସ୍ଥତା ଦେଖାଇ ଗାଁକୁ ଫେରୁଥିଲେ । ସେହିପରି କାର୍ଯ୍ୟସାରି ତାଟୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ବାସନ୍ତୀ ମହାନ୍ତ ଏହି ଅଟୋରେ କରଞ୍ଜିଆ ରୁ ତାଙ୍କ ଘରକୁ ଫେରୁଥିଲେ । ଦୁର୍ଘଟଣା ଘଟାଇ ଟ୍ରକ୍ ଟି କେନ୍ଦୁଝର ପଟକୁ ଦ୍ରୁତ ଗତିରେ ଚାଲିଯାଇଥିବା ପୋଲିସ୍ ପ୍ରତ୍ୟକ୍ଷଦର୍ଶୀଙ୍କ ନିକଟରୁ ଜାଣିବାକୁ ପାଇଥିଲା । ଏହି ଦୁର୍ଘଟଣା ବିଷୟରେ ରାସ୍ତାରେ ଯାଉଥିବା ଲୋକେ କରଞ୍ଜିଆ ପୋଲିସ ଥାନାକୁ ଖବର ଦେଇଥିଲେ ।ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଣ କିସ୍କୁ କୁ ପୋଲିସ ଗାଡିରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ ଏଂ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ପରେ ଆମ୍ବୁଲାନ୍ସ ଯୋଗେ ଆହତ ସମସ୍ତଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ । ପୁଅ ରାମରାଜ କିସ୍କୁର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ନିରୁ କିସ୍କୁର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା । ଏହି




ଦୁର୍ଘଟଣାରେ ବାପା ପୁଅ ମୃତ୍ୟୁବରଣ କରିଥିବା ବେଳେ ମା ଗୁରୁତର ହୋଇ କେନ୍ଦୁଝର ଚିକିତ୍ସାଳୟ ଠାରେ ଚିକିତ୍ସିତ ହେଉଛନ୍ତି ।ତେବେ ଶିକ୍ଷୟିତ୍ରୀ ବାସନ୍ତୀ ମହାନ୍ତଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ପରିବାର ଅଧିକ ଚିକିତ୍ସା ପାଇଁ କଟକ ନେଇଥିବାର ଜଣାପଡ଼ିଛି । ଅଳ୍ପକେ ଆହତ ଅବସ୍ଥାରେ ଚାଳକ ମଣ୍ଡୁଆ ଗାଁର ଦେବେନ୍ଦ୍ର ନାଥ ସେଠୀ ମରଣ ମୁହଁରୁ ବର୍ତ୍ତି ଯାଇଛନ୍ତି । ଦେବେନ୍ଦ୍ର ଫଳ ନେଇ ତାଟୋ ଅଭିମୁଖେ ଯାଉଥିଲେ ।

## ଡାକ୍ତରମାନଙ୍କ ଆନ୍ଦୋଳନ ସ୍ଥଗିତ

- ଗଠନ ହେଲା ସଚିବସ୍ତରୀୟ ହାଇପାୱାର କମିଟି
- ୨୨ରେ ପରବର୍ତ୍ତୀ ବୈଠକ

**ଭୁବନେଶ୍ୱର:** ୧୦ଦଫା ଦାବି ପୂରଣ ପାଇଁ ଗତ ୪ଦିନ ଧରି ଆନ୍ଦୋଳନର ଡାକ୍ତରମାନେ ଆଜି ନିଜର କାର୍ଯ୍ୟକ୍ଷେତ୍ରକୁ ଫେରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ପ୍ରାୟ ୩ଘଣ୍ଟା ଧରି ଆଲୋଚନା ପରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା) ନିଜର ଆନ୍ଦୋଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛି । ଡାକ୍ତରମାନଙ୍କର ୧୦ଦଫା ଦାବିର ତର୍ଜମା ପାଇଁ ରାଜ୍ୟ ସରକାର ଆଜି ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ କମିଟି ଗଠନ କରିଥିବାବେଳେ ଡାକ୍ତରମାନେ ନିଜ କାର୍ଯ୍ୟରେ ଯୋଗଦେଇ ଓପିଡି ଓ ଆଇପିଡି ସେବା ସ୍ୱାଭାବିକ କରିବାକୁ ଘୋଷଣା କରିଛନ୍ତି । ଫଳରେ ଜୁଲାଇ ୧ତାରିଖ 'ଜାତୀୟ ଡାକ୍ତର ଦିବସ'ରୁ ରାଜ୍ୟର ସରକାରୀ ମେଡିକାଲଗୁଡ଼ିକରେ ବାଧାପ୍ରାପ୍ତ ହୋଇଥିବା ରୋଗୀସେବା ସ୍ୱାଭାବିକ ହୋଇଛି । ଗତକାଲି ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତରମାନଙ୍କୁ ଆଲୋଚନ ପାଇଁ ଆମନ୍ତ୍ରଣ କରାଯାଇଥିଲା । ସୂଚନା ଅନୁସାରେ, ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ସଚିବ ଓ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଓମାସର ୧୩ଜଣିଆ କର୍ମକର୍ତ୍ତା ପରିଷଦ ସଦସ୍ୟମାନଙ୍କ ମଧ୍ୟରେ ଦୀର୍ଘ ପ୍ରାୟ ୩ଘଣ୍ଟା ଧରି ଆଲୋଚନା ହୋଇଥିଲା । ଆଲୋଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ, ଆଜିର ଆଲୋଚନା ବହୁତ ସୁନ୍ଦର ଓ ଫଳପ୍ରଦ ହେଲା । ଓମସା ଯେଉଁ ଆନ୍ଦୋଳନ କରୁଥିବା ତାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି । ଡାକ୍ତରମାନଙ୍କ ଯେଉଁ ୧୦ଦଫା ଦାବି ରହିଛି ତା'ଉପରେ ଆଲୋଚନା ହେଲା ଓ ସେଗୁଡ଼ିକ କିଭଳି ଆଗାମୀ ଦିନରେ କାର୍ଯ୍ୟକାରୀ କରାଯାଇପାରିବ ସେଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି, ଯାହାର ବିଜ୍ଞପ୍ତି ଆଜି ଖୁବଶୀଘ୍ର ବାହାରିବ । ଏହି ସଚିବସ୍ତରୀୟ କମିଟିର ଅଧ୍ୟକ୍ଷ ଭାବେ ଅର୍ଥ ସଚିବ ରହିବେ । ଏଥିରେ ସ୍ୱାସ୍ଥ୍ୟ ଓ ଆଇନ ବିଭାଗର ସଚିବଙ୍କ ସମେତ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ମଧ୍ୟ ସଦସ୍ୟ ରହିଛନ୍ତି । ଏହି ସଚିବସ୍ତରୀୟ କମିଟିର ପ୍ରଥମ ବୈଠକ ଜୁଲାଇ ୨୨ତାରିଖରେ ହେବ ଓ ସେଥିରେ ଓମସା ତା'ର ଦାବିଗୁଡ଼ିକୁ ବିସ୍ତୃତ ଭାବେ ଉପସ୍ଥାପନ କରିବ । ଶ୍ରୀ ମହାଲିଙ୍ଗ ଆହୁରି ମଧ୍ୟ କହିଛନ୍ତି ଯେ, ଏ ସରକାର ହେଉଛି ଲୋକଙ୍କ ସରକାର । ତେଣୁ ରାଜ୍ୟରେ (Odisha) ସ୍ୱାସ୍ଥ୍ୟ ସେବାରେ କୌଣସି ବ୍ୟାଘାତ ଆସିବ ନାହିଁ । ଡାକ୍ତରମାନଙ୍କ ଦାବିକୁ ସରକାର ସମ୍ମାନ ଜଣାଉଛନ୍ତି । ଡାକ୍ତରମାନେ ମଧ୍ୟ ରୋଗୀସେବାକୁ ପ୍ରାଥମିକତା ଦେବେ ଓ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ଆଶ୍ୱସ୍ତ କରିଛନ୍ତି ।

## ପର୍ଯ୍ୟବେକ୍ଷକଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କର ବୈଠକ

**ଭୁବନେଶ୍ୱର:** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କର ବୈଠକ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଏସଆଇଆର ୨୦୨୬ ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ୧୦ ଜଣ ଆଇଏଏସ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ ପ୍ରକ୍ରିୟାର ସଫଳତା, ଚାଲିଥିବା ଡିଜିଟାଇଜେସନ୍‌ର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା । ପର୍ଯ୍ୟବେକ୍ଷକମାନଙ୍କୁ ସମଗ୍ର ଏସଆଇଆର ପ୍ରକ୍ରିୟା ଏବଂ ଆଗାମୀ ପର୍ଯ୍ୟାୟଗୁଡ଼ିକରେ ସେମାନଙ୍କର ଦାୟିତ୍ୱ ବିଷୟରେ ଅବଗତ କରାଯାଇଥିଲା । ସୂଚନାଯୋଗ୍ୟ ଗତକାଲି ରାଜ୍ୟର ୧୦ ବରିଷ୍ଠ ଆଇଏଏସଙ୍କୁ ବିଭିନ୍ନ ଜିଲ୍ଲା ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି ।

## ରଥ ନିର୍ମାଣର ୭୫ ତମ ଦିବସ

## ତିନିରଥର ନୂତନ ବ୍ରେକ ପୁଲିରେ ଲୁହା କଡା ଫିଟିଙ୍ଗ କାର୍ଯ୍ୟ ସମ୍ପନ୍ନ

### ଶେଷ ପର୍ଯ୍ୟାୟରେ ତିନିରଥ ବେଦୀ ଚାରି ପାର୍ଶ୍ୱ କୋଣରେ ପାରୁସ ପଟା ବାଡ଼ିଆ

### ରଥ ପ୍ରଭାରେ ପଦ୍ମକଢି, ଶିବନାରଦ ଚିତ୍ର, ଗଙ୍ଗାଯମୁନା ଚିତ୍ର ଓ ଇନ୍ଦ୍ରବ୍ରହ୍ମାଙ୍କ ଚିତ୍ର ଜାରି



**ପୁରୀ:** ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଶନିବାର ରଥ ନିର୍ମାଣର ୭୫ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳାଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଶନିବାର ତିନିରଥର ନୂତନ ପୁଲିରେ ଲୁହା କଡା ଫିଟିଙ୍ଗ କାର୍ଯ୍ୟ ସମ୍ପନ୍ନ ହୋଇଛି । ତିନିରଥର ବେଦୀ ଚାରି ପାର୍ଶ୍ୱ କୋଣ ଗୁଡ଼ିକରେ ପାରୁସ ପଟା ବାଡ଼ିଆ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ପ୍ରଭାରେ ରଙ୍ଗ କାର୍ଯ୍ୟ ଆରମ୍ଭ ହୋଇଛି । ଶୁକ୍ରବାର ସୁଦ୍ଧା ତିନିରଥର ଦୁଆର ବେଢା ରଥ ଉପରକୁ ଉଠିବା ସହ ତିନିରଥର ପ୍ରଭାରେ ଖୋଦେଇ ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଶେଷ ହୋଇଥିଲା । ତିନିରଥର ଦୁଆର ବେଢାକୁ ମଜବୁତ୍ କରି ରଖିବା ପାଇଁ ଦୁଆର ବେଢା ଗୁଡ଼ିକର ଉପର ଭାଗ ଚନ୍ଦ୍ର ଶାଳୀ ରେ ଧ୍ୱଜ ବତା ସଂଯୋଗ କରାଯାଇ ମଝି ଭୂଇଁ ସେଣିରେ କଣ୍ଟା ବସି ସେଟିଙ୍ଗ କରାଯାଇଛି । ଶନିବାର ତିନିରଥର ଦୁଆର ବେଢ଼ା ବାନ୍ଧି ରଖିବା ପାଇଁ ପ୍ରତି ଦୁଆର ବେଢ଼ାର ନାଟ ଗୋଡ଼ ସହ ଚଉଦ ନାହାକାରେ ଦୁଇଟି ଲେଖାଏଁ ସପୋର୍ଟ ବଟନ୍ ଦୁଆର ବାଣୀଆ ପ୍ରତି ରଥରେ ୧୬ ଟି ଲେଖାଏଁ ଫିଟିଙ୍ଗ କରାଯାଇଛି । ଆଜି ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ଶେଷ ହୋଇଛି ତିନିରଥର ନୂତନ ବ୍ରେକ ପୁଲିରେ ଲୁହା କଡା ଫିଟିଙ୍ଗ କାର୍ଯ୍ୟ । ଆଜି ଆରମ୍ଭ ହୋଇଛି ତିନିରଥ ଉପର ବେଦୀ ପାର୍ଶ୍ୱ ବର୍ତ୍ତି ଚାରି କୋଣ ଗୁଡିକରେ ପଟା ବାଡିଆ କାର୍ଯ୍ୟ, ରଥ ଉପରକୁ ଦୁଆର ବେଢା ଉଠିବା ପାଇଁ ରଥ ଉପର ଚାରି କୋଣକୁ ଛାଡ଼ି ପଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଥିଲା । ତିନିରଥକୁ ଦୁଆର ବେଢ଼ା ଉଠିବା କାର୍ଯ୍ୟ ଶେଷ ହୋଇଥିବାରୁ ଆଜି ତିନିରଥର ମହାରଣା ସେବକ ମାନେ ତିନିରଥ ଉପର ବେଦୀ ପାର୍ଶ୍ୱ ବର୍ତ୍ତି କୋଣ ଗୁଡିକରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ଆଜି ଚିତ୍ରକାର ସେବକ ମାନେ ତିନିରଥର ପ୍ରଭାରେ ରଙ୍ଗ କାର୍ଯ୍ୟ ପାଇଁ ପ୍ରଭା ଗୁଡ଼ିକରେ ଧଳା ପ୍ରାଇମର୍ ବୋଳା ଶେଷ କରିଛନ୍ତି । ପ୍ରାଇମର୍ ଶୁଖିଲା ପରେ ପ୍ରଭାରେ ରଙ୍ଗ ଚିତ୍ର ଆଙ୍କିଛନ୍ତି । ତାଳ ଧ୍ୱଜ ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର ସହ ପ୍ରଭା ମଝି ଭାଗରେ ପଦ୍ମ କଢ଼ି ଆଙ୍କିବା ସହ ପ୍ରଭା ଦୁଇ ପାର୍ଶ୍ୱରେ ଶିବ ଏବଂ ନାରଦଙ୍କ ଚିତ୍ର ଅଙ୍କନ ଜାରୀ ରହିଛି । ଦର୍ପଦଳନ ରଥ ପ୍ରଭାରେ ପଦ୍ମ କଢ଼ି ସହ ପ୍ରଭା ଦୁଇ ପଟରେ ଗଙ୍ଗା, ଯମୁନାଙ୍କ ଚିତ୍ର ଏବଂ ନନ୍ଦି ଘୋଷ ରଥ ପ୍ରଭାରେ ପଦ୍ମ କଢି ସହ ଦୁଇ ପାର୍ଶ୍ୱରେ ଇନ୍ଦ୍ର ଏବଂ ବ୍ରହ୍ମା ଙ୍କ ଚିତ୍ର ଅଙ୍କନ ଜାରୀ ରହିଛି । ଏଥିସହ ଚିତ୍ରକାର ସେବକ ମାନେ ତିନିରଥର ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟ ସହ ସାରଥୀ, ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି । ତିନିରଥର କନା କଟିଙ୍ଗ ପରେ ତିନି ରଥାର ବତା କନାରେ ବିଳାସ ପଟି (ଜାରୀ ଲେସ୍ ପଟି) ପକା କାର୍ଯ୍ୟ ଶେଷ କରି ସେଥିରେ ସିଲଭର୍ ଜରି ଫୁଲ ଏବଂ ଚକି ପଡ଼ିବା ବାକି ରହିଛି । ଶନିବାର ତିନିରଥର ଦୁଆର ବେଢ଼ା ଏବଂ ଚନ୍ଦ୍ର ଶାଳୀ ପାଇଁ କନା କଟିଙ୍ଗ ସହ ସେଥିରେ ସିଲଭର ଜରୀ ସୂକ୍ଷ୍ମ କାରୁକାର୍ଯ୍ୟ ସିଲେଇ କାର୍ଯ୍ୟ ଆରମ୍ଭ । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ଧ୍ୱଜ ବତା କଣ୍ଟା ଏବଂ ନୂଆ ବ୍ରେକ ପୁଲି ପାଇଁ ଲୁହା କଡା ନିର୍ମାଣ ଶେଷ କରି ରଥ ମହାରଣା ମାନଙ୍କୁ ଯୋଗାଇ ଦେବା ସହ ତିନିରଥର ପ୍ରଭା ବିଡିଆ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି । ତିନିରଥର ମହାରଣା ସେବକ ୭୭ ଜଣ,ଭୋଇ ସେବକ ୭୬ଜଣ , ରୂପକାର ସେବକ ୨୧ଜଣ କରତୀ ସେବକ ୪ଜଣ ,ତୁମ୍ବ ବିନ୍ଧ କାରୀଗର ୨ଜଣ ,ପାହି ମହାରଣା ୨ଜଣ , ଚିତ୍ରକାର ୪୦ଜଣ ଓ ରଥଖଳା ସହାୟକ ୧ଜଣ ମୋଟ ୨୪୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

ସମ୍ପାଦକୀୟ

# ଅଶାନ୍ତ ସ୍ଥିତିରେ ମଧ୍ୟପ୍ରାଚ୍ୟ

ଯାହା ପଛରେ ଆମେ ଯଦି ତର୍ଜମା କରିବା ତେବେ ସାଧାରଣତଃ ଦୁଇଟି କଥାକୁ ଆମେ ମୁଖ୍ୟ କାରଣ ଭାବେ ନେଇପାରିବା। ପ୍ରଥମତଃ ଆମେରିକାର ଯୁଦ୍ଧଖୋର ମନୋଭାବ ଏବଂ ଇରାନ୍‌ର ୟୁରାନିୟମ ଯାହାକୁ ନେଇ ସବୁଠାରୁ ବେଶି ଚିନ୍ତିତ ହେଉଛି ଆମେରିକା। ଅଥଚ ବିଶ୍ୱରେ ଆମେରିକା ଭଳି ବହୁତ ପ୍ରଭାବଶାଳୀ ଦେଶ ମଧ୍ୟ ଅଛନ୍ତି କିନ୍ତୁ ମୁଣ୍ଡ ବିନ୍ଧୁଛି କେବଳ ଆମେରିକାର। କାରଣ କ'ଣ ? ବାଘକୁ ଫାଗର ଭୟ ନା ଆମେରିକାର ବଡ଼ଭାଇପଣିଆ। ତେବେ ଦୁଇଟାଯାକ କାରଣ କେବଳ ଆମେରିକା ପାଇଁ ପ୍ରଯୁଜ୍ୟ ହୋଇପାରେ। ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ରାଷ୍ଟ୍ର ଭାବରେ ତା'ର ମାନ୍ୟତା ବଜାୟ ରଖିଛି ଏବଂ ଆଜି ବି ତା'ର ସେହି ପ୍ରଭାବଜାରି ରହିଛି। ଅତଏବ ଆମେରିକା ମଝିରେ ମଝିରେ ତା'ର ସେହି ପ୍ରଭାବ ବିସ୍ତାରୀ କାର୍ଯ୍ୟକ୍ରମ ଜାରି ରଖିବାର ପ୍ରୟାସ ସ୍ୱରୂପ କେବେ ପାଲେଷ୍ଟାଇନ୍ ଉପରେ ତ ଆଉ କେବେ ଇରାନ୍ ଉପରେ ଏମିତି ଆକ୍ରମଣ କରି ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିବାର ଉଦ୍ୟମ ଜାରି ରଖିଛି ଆମେରିକା। ଏହାଦ୍ୱାରା ଆମେରିକାର ବଡ଼ଭାଇ ପଣିଆ ମଧ୍ୟ ସେହି କ୍ରମରେ ଜାରି ରହିଛି। ଯାହାକୁ ବଜାୟ ରଖିବା ହେଉଛି ଆମେରିକାର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ। ଏମିତି ବି ମୁସଲମାନ୍ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧ କିଛି ନୂଆ ଘଟଣା ନୁହେଁ, ବହୁତ ପୁରୁଣା; ଇତିହାସ ଯାହାର ମୂକସାକ୍ଷୀ। ଏବେ ଅତୀତର ସେହି କଳଙ୍କିତ ଇତିହାସର ପୁନରାବୃତ୍ତି ହେଉଛି ବାରମ୍ବାର। ଇରାନ୍ ଏବଂ ଆମେରିକା ସମ୍ପର୍କରେ ବହୁ ପୂର୍ବରୁ ସେମିତି ଯଦିଓ ତିକ୍ତତା ନଥିଲା, ତେବେ ଆଜିର ତାରିଖରେ ସେମାନଙ୍କ ସମ୍ପର୍କରେ କିନ୍ତୁ ତିକ୍ତତା ଆସିଯାଇଛି ଯାହା ପଛରେ ଇରାନ୍‌ର ୟୁରାନିୟମ ଯେ ଏକ ପ୍ରମୁଖ କାରଣ ତାହାକୁ ଯଦିଓ ଅସ୍ୱୀକାର କରିହେବ ନାହିଁ, ତେବେ ଇରାନ୍ ଆମେରିକା ଯୁଦ୍ଧ ପଛରେ ଯେ ଇସ୍ରାଏଲ୍ ରହିଛି ; ଏହି କଥାକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ। କାରଣ ଇସ୍ରାଏଲ୍ ହେଉଛି ଏମ୍ିତି ଏକ ଦେଶ ଯାହାକୁ ଚାରିପଟୁ ଘେରି ରହିଛି ଇସ୍ଲାମିକ୍ ଦେଶ ସମୂହ । କିଛି ନା କିଛି କାରଣରୁ କେବେ ନା କେବେ ଇସ୍ରାଏଲ୍ ସହିତ ସେମାନଙ୍କର ଯୁଦ୍ଧ ଲାଗିଯାଏ । ଏଇ ଯେମିତି ପାଲେଷ୍ଟାଇନ୍ ସହିତ ଦୀର୍ଘ ଦିନର ଯୁଦ୍ଧ ପରେ ଏବେ ଏକପ୍ରକାର ଥମିଯାଇଛି ! ତଥାପି ଇସ୍ରାଏଲ୍ କିନ୍ତୁ ନଛୋଡ଼ବନ୍ଧା, ଶତ୍ରୁ ପକ୍ଷକୁ ପୂରା ସାବାଡ଼୍ କରିବା, ଶତ୍ରୁପକ୍ଷକୁ ପୂରା ଦମନ କରିବା ତା'ର ଲକ୍ଷ୍ୟ । ସେଇଥିପାଇଁ ତ ଇସ୍ରାଏଲ୍ ଏବେ ବନିଯାଇଛି ଏକ ଯୁଦ୍ଧଖୋର ଦେଶ । ଛୋଟ ଦେଶଟାଏ ହେଲେ କି ହବ , ଯୁଦ୍ଧ କରିବାରେ କିନ୍ତୁ ମାଷ୍ଟର। ତେବେ ଇସ୍ରାଏଲ୍ ପଛରେ କିନ୍ତୁ ଠିଆ ହୋଇଛି ଆଉ ଗୋଟାଏ ବଡ଼ ମାଷ୍ଟର ଆମେରିକା ଯାହାର ପ୍ରରୋଚନା ବଳରେ, ଯାହାର ପରାମର୍ଶ ବଳରେ , ଯାହାର ପ୍ରତ୍ୟକ୍ଷ ଅବା ପରୋକ୍ଷ ସହାୟତା ବଳରେ ଏମିତି ଓଭର ହେଉଛି ଇସ୍ରାଏଲ୍। ଇରାନ୍ ସମର୍ଥିତ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ପଛରେ ପଡ଼ି, ତାକୁ ଦମନ କରିବାର ଲକ୍ଷ୍ୟ ନେଇ ପୂର୍ବରୁ ଇରାନ୍ ସହିତ କିଛିଦିନ ଯୁଦ୍ଧ କରିବା ପରେ ଏବେ ପଡ଼ିଯାଇଛି ଲେବାନନ୍ ପଛରେ। ଲେବାନନ୍ ରାଜଧାନୀ ବେରୁଟ୍‌ର ଦକ୍ଷିଣ ଉପକଣ୍ଠରେ ଥିବା ହେଜବୋଲ୍ଲାର ଏକ ପ୍ରମୁଖ କମାଣ୍ଡ ସେଣ୍ଟର ଉପରେ ଅତି ଜୋରଦାର ଆକ୍ରମଣ କରିଛି ଇସ୍ରାଏଲ୍ । ନିଜେ ଦୁନିଆ ଛାଡ଼ିବା ପୂର୍ବରୁ ମୁସଲିମ୍ ଦୁନିଆରେ ଭୟର ବାତାବରଣ ଖେଳାଇଦେବାର ଲକ୍ଷ୍ୟ ରଖିଛନ୍ତି ବୋଧହୁଏ ଇସ୍ରାଏଲ୍ ରାଷ୍ଟ୍ରପତି ନେତାନ୍ୟାହୁ। ତେବେ ତାଙ୍କର ଏ ପ୍ରକାର ଯୁଦ୍ଧଖୋର ଆଚରଣ ମଧ୍ୟପ୍ରାଚ୍ୟର ପରିବେଶକୁ ଅଶାନ୍ତ କରିବା ସହ ଇରାନ୍ ଏବଂ ଆମେରିକା ମଧ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟର ଶାନ୍ତି ଚୁକ୍ତିକୁ ଯେ ବ୍ୟାହତ କରୁଛି , ଏଥିରେ କିଛି ବି ଦ୍ୱିରୁକ୍ତି ନାହିଁ, କିଛି ବି ସନ୍ଦେହ ନାହିଁ। ଏଥିରୁ ଯାହା ବି ଅନୁମାନ କରାଯାଉଛି ଯେ ଉଭୟ ଇରାନ ଏବଂ ଆମେରିକା ମଧ୍ୟରେ , ଶାନ୍ତିଚୁକ୍ତି ଦୁଇ ଦୁଇ ଥର ସ୍ୱାକ୍ଷର କଲାଣି ଅଥଚ ଫଳପ୍ରଦ ହୋଇପାରୁନି। ଯାହା ପଛରେ ମୁଖ୍ୟ କାରଣ ହେଉଛି ଆମେରିକାର ଅଯଥା ସର୍ତ୍ତ, ଆମେରିକାର ଅଯଥା ଚାପ, ଆମେରିକାର ଅଯଥ ଯୁକ୍ତି ଯାହାକୁ ବାରମ୍ବାର ଉପସ୍ଥାପନ କରୁଛି ଆମେରିକା। ଇରାନ୍‌ର ୟୁରାନିୟମ ଯାହାକି ପରମାଣୁ ଅସ୍ତ୍ରଶସ୍ତ୍ର ତିଆରିରେ ବହୁତ ବଡ଼ ଅଂଶ, ତାହା ଇରାନ୍‌ର ବହୁତ ବଡ଼ ସମ୍ପତ୍ତି। ତା'ରି ଉପରେ ଆମେରିକାର ଆଖି ବହୁତ ଆଗରୁ। ୟୁରାନିୟମ ନିଜ ଆୟତ୍ତକୁ ଆଣିବାକୁ ଲକ୍ଷ୍ୟ ରଖିଛି ଆମେରିକା। ତାହା ତ ସମ୍ଭବ ହେଉନି। ସେ ପାଇଁ ବାରମ୍ବାର ନିଜ ମତ ପରିବର୍ତ୍ତନ କରୁଛି ଆମେରିକା। ଅଯଥା ଯୁକ୍ତି କରୁଛି ଆମେରିକା। ଇରାନ୍ ଉପରେ ଚାପ ସୃଷ୍ଟି କରୁଛି ଆମେରିକା। ଆମେରିକାର ଦୋମୁହାଁ ନୀତିକୁ ଇସ୍ରାଏଲ୍‌ର ଅଖାଡୁଆ ନୀତି.. ତା'ର ଯୁଦ୍ଧ ନୀତି ଯାହାକି ଶାନ୍ତି ଚୁକ୍ତିକୁ ବିଫଳ କରିବା ସହ ମଧ୍ୟପ୍ରାଚ୍ୟକୁ ଏକ ଅଶାନ୍ତ ବାତାବରଣ ମଧ୍ୟକୁ ଟାଣିନେଉଛି।

## ପ୍ରକୃତ ବିଚାର

ଜଣେ ଧାର୍ମିକ ରାଜା ଯେ କି ରହୁଥାନ୍ତି ଭାରତର ଦକ୍ଷିଣରେ।। ତାଙ୍କ ଶାସନ କାଳରେ ରାଜ୍ୟରେ କେହି ବି ସେମିତି ଅସୁବିଧାରେ ରହୁନଥିଲେ। ଯାହାର ଯାହା ବି ଅସୁବିଧା ହେଉଥିଲା, ସେମାନେ ଅଚିରେ ତାଙ୍କ ସମସ୍ୟା ନେଇ ରାଜାଙ୍କ୍ ପାଖକୁ ଧାଇଁ ଆସୁଥିଲେ। ରାଜା ବି କାହାକୁ ସେମିତି ଖାଲିହାତରେ ଫେରାଉ ନଥିଲେ। ସମସ୍ତଙ୍କ ସମସ୍ୟା ସମାଧାନ ଦିଗରେ ରାଜା ବି ସେହିଭଳି କିଛି ତ୍ୱରନ୍ତ ପଦକ୍ଷେପ ନେଉଥିଲେ। କାହାକୁ ନିରାଶ କରୁ ନଥିଲେ କି କାହାପ୍ରତି ଅବିଚାର ମଧ୍ୟ କରୁନଥିଲେ। ଯିଏ ବି ଯେଉଁଭଳି ବିଚାରଧାରା ନେଇ ଆସୁଥିଲେ କିମ୍ୱା ଯିଏ ଯାହା ବି ଅଭିଯୋଗ ନେଇ ଆସୁଥିଲେ, ରାଜା କେବେ ବି କାହା ସପକ୍ଷରେ ଯାଉନଥିଲେ କି କେବେ କାହା ବିପକ୍ଷରେ ମଧ୍ୟ ଯାଉନଥିଲେ। ସମସ୍ତଙ୍କୁ ଉପଯୁକ୍ତ ବିଚାର ପ୍ରଦାନ କରୁଥିଲେ। ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ତାଙ୍କ ଉଦ୍ୟମ ଜାରି ରଖିଥିଲେ। ସବୁଦିନ ରାଜାଙ୍କ ପାଖକୁ କିଛି ନା କିଛି ସମସ୍ୟା ନେଇ ଅବା କିଛି ନା କିଛି ଅଭିଯୋଗ ନେଇ କେହି ନା କେହି ଆସନ୍ତି ଏବଂ ରାଜା ସେ ସବୁର ଉପଯୁକ୍ତ ସମାଧାନ ଦିଗରେ ତାଙ୍କର ଉପଯୁକ୍ତ ବିଚାର ପ୍ରଦାନ କରନ୍ତି। ଥରେ ଦୁଇ ଜଣ ହଠାତ ଆସି ରାଜଦରବାରରେ ପହଞ୍ଚିଲେ ଏବଂ ରାଜାଙ୍କ୍ ଠାରୁ ତାଙ୍କର ସମସ୍ୟା ନେଇ ଉପଯୁକ୍ତ ସମାଧାନ ଆଶା କଲେ। ରାଜ ଦରବାରରେ ବିଚାରକାର୍ଯ୍ୟର ସମୟ ସେତେବେଳେ ସରି ଆସୁଥିବାରୁ ରାଜାଙ୍କ ସ୍ୱତନ୍ତ୍ର ପ୍ରତିନିଧି ସେମାନଙ୍କୁ ଫେରାଇଦେଇ ପରଦିନ ଆସିବାକୁ କହିବାରୁ ସେମାନେ କିନ୍ତୁ ରାଜଦରବାର ଛାଡ଼ି ଯିବାକୁ ସେମାନଙ୍କର ଅନିଚ୍ଛା ଜାହିର କଲେ। ରାଜ ଦରବାରକୁ ବହୁ ଦୂରରୁ ବହୁ ଆଶା ନେଇ ଆସିଥିବା ସେହି ଦୁଇଜଣ କିନ୍ତୁ ଜିଦ୍ କରିବାରୁ ଶେଷରେ ରାଜାଙ୍କ ସ୍ୱତନ୍ତ୍ର ମନ୍ତ୍ରୀ ରାଜାଙ୍କ ଅନୁମତି ନେଇ ସେମାନଙ୍କୁ ରାଜ ଦରବାରରେ ଅନ୍ତତଃ ସେହି ରାତିଟା ରହିବା ପାଇଁ ଅନୁମତି ପ୍ରଦାନ କଲେ। ସକାଳୁ ସେମାନଙ୍କର ସେମାନଙ୍କର ବିଚାର ହେବା ବେଳକୁ ସେମାନେ କିନ୍ତୁ ସେହି ରାଜ ଦରବାରରୁ ସେ ଦୁହେଁ କିନ୍ତୁ ଫେରାର୍ ହୋଇଯାଇଥିଲେ। ରାଜା ପୁନଃ ଏକାଧିକ ସୈନ୍ୟ ସାମନ୍ତ ପଠାଇ ସେମାନଙ୍କୁ ଦିନକ ମଧ୍ୟରେ ଖୋଜିଆଣି ଦରବାରରେ ହାଜର କରିବାପରେ ସେମାନେ ନିଜ ନିଜ ମଧ୍ୟରେ ସେମାନଙ୍କର ବିବାଦ ସମାଧାନ କରିଦେଇଥିବା କଥା ରାଜାଙ୍କ ଆଗରେ ସ୍ୱୀକାର କଲେ। ତେବେ ରାଜା ସେମାନଙ୍କୁ ପୁନଃ ଦଣ୍ଡ ବିଧାନ ସ୍ୱରୂପ ଆଉ ଦୁଇଦିନ ସେହି ସ୍ଥାନରେ ରହିବା ପାଇଁ ନିର୍ଦ୍ଦେଶ ହେଲେ।

# ବିଦ୍ୟାର ମନ୍ଦିର



ଅମରନାଥ ବାରିକ୍

ବିଦ୍ୟାଳୟ ତ ନୁହେଁ, ତାହା ହେଉଛି ଦେବାଳୟ । କାହିଁକି ନା ଯେଉଁଠି କୁନିକୁନି ପିଲାମାନଙ୍କର ନିଛନ୍ଦ କୋଳାହଳ, ପରସ୍ପର ମଧ୍ୟରେ ସୁନ୍ଦର ବନ୍ଧୁତା, ଯେଉଁ ବନ୍ଧୁତ୍ୱରେ ସ୍ୱାର୍ଥ ନାହିଁ, ସରଳ ନିରୀହ ମୁହଁରେ ସରସ ହସ ଆଉ କଅଁଳ ମୁଖରେ ହେଉଥାନ୍ତି ଦରୋଟି କଣ୍ଠରେ କଥାବାର୍ତ୍ତା । ପ୍ରକୃତରେ ଯଦି କେଉଁଠି ଈଶ୍ୱର ଥାଆନ୍ତି ତାହେଲେ ଏହି କୋମଳମତି ଶିଶୁ ମାନଙ୍କ ଠାରେ ହିଁ ପ୍ରକଟ ହୋଇଥାନ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଅଥବା ମା ସରସ୍ୱତୀ, ବାବା ଗଣପତି । ନା ଥାଏ ତାଙ୍କ ପାଖରେ ଟଙ୍କା ପଇସାର ସ୍ୱପ୍ନ ନା ଥାଏ ତାଙ୍କ ପାଖରେ କୋଠାବାଟିର ସ୍ୱପ୍ନ । କେବଳ ଗୋଟାଏ ଜରି କାଗଜରେ ମୋଡ଼ାହୋଇ ରହିଥିବା ଚୁଚୁମା ପାଖରେ ଥାଏ ତାଙ୍କର ମନ । ମିଛ ତ ତାଙ୍କ ପାଖରେ ଟିକେ ହେଲେ ନଥାଏ । କାହିଁକି ନା ତାଙ୍କ ପାଖରେ ଥାଏ ଗୋଟାଏ ମାତ୍ର ଭୟ। ମିଛ କହିଲେ କାଳେ ପାଠ ହୁଏ ନାହିଁ । ଯଦି କେବେ କେହି ମିଛ କହିଦିଏ ତାହେଲେ ତାକୁ ଅନ୍ୟମାନେ ଡରେଇ ଥାଆନ୍ତି ' ତୋ ବିଦ୍ୟାରାଣ ମିଛ କୁହନା ।' ଆଉ ସବୁଠାରୁ ବଡ଼କଥା ହେଲା ବିଦ୍ୟାଳୟରେ ପାଠ ପଢା ଆରମ୍ଭ ହେବା ଆଗରୁ ପ୍ରାର୍ଥନାରେ ଏହି କଥା ବୋଲା ଯାଇଥାଏ –'ସତ କହିବାକୁ କିଆଁ ଡରିବି

ସତ କହି ପଛେ ମଲେ ମରିବି ।
ମୋତେ ଏତିକି ଶିଖାଅ ସାଇଁ ହେ
ମୋର ଧନ ଜନ ଲୋଡା ନାହିଁ ହେ ।'

କିଏ ବା ଭୁଲିପାରିବ ସେହି ପିଲାଦିନର ସ୍ମୃତି ସବୁକୁ ଓ ଝାଟିମାଟିର ଚାଳ ଛପର ତଳେ ପଢ଼ା ଯାଉଥିବା ସେହି ଅଭୁଲା ପାଠ, ବେତ ପାହାର । ପୁଣି ଗୁରୁଜୀଙ୍କର ସେହି ହିତ ବାଣୀ । ହଁ ଆଜିବି ମନେ ପଡ଼େ ସେହି ପୁରୁଣା କଥା । ଗୋଟିଏ କଲମରେ ବର୍ଷ ବର୍ଷ ଧରି ପାଠ ପଢ଼ିବା । ଯଦି ସେହି କଲମ ଟିଏ ହଜି ଗଲା ତାହେଲେ ମା' ଙ୍କ ଠାରୁ ଗାଳି ଶୁଣିବା । ଖାତା ସରିଗଲେ ବାପାଙ୍କ ପାଖରେ କାଗଜ ପାଇଁ ଅଳି କରିବା । ଖାଇବା ଛୁଟିରେ ସାଙ୍ଗ ମାନଙ୍କ ସହିତ ଏକାଠି ବସି ଖାଇବା । ସରସ୍ୱତୀ ପୂଜା ଗଣେଷ ପୂଜା ଆସିଲେ ମାସକ ଆଗରୁ ପାଞ୍ଚ ପାଞ୍ଚ ଟଙ୍କା ଚାନ୍ଦା ଆଦାୟ କରିବା । ତା ସହିତ ମନେପଡେ ବର୍ଣ୍ଣବୋଧ ପାଠ ।

ଚକ ଅଖ କଳ ନଳ, ଆଇ ଉଈ ।
'ହରିଣ ନ ଦିଏ ଧରା, ଦୌଡ଼ନା ବଡ଼ ଖରା।
ପଣସ ରସ ବଡ଼ ସରସ, ଛପର ଘର ବଡ ଜବର ।
ପିତାମାତାଠାରୁ ବଡ଼ ଦେବତା କେ
ସରଗ ରାଇଜେ ନାହିଁ
ତାଙ୍କରି ଆଶିଷେ ସାହା ଏକା ସିନା
ବିପଦୁ ତରିବା ପାଇଁ ।'

ଧୋବ ଫରଫର ଢିଲା ପଞ୍ଜାବୀ, ନୀଳ ଉଜାଲା ରଙ୍ଗଦିଆ ଧୋତି । କଳା ରଙ୍ଗର ଫ୍ରେମ୍ ହୋଇଥିବା ଗୋଲେଇ କାଚ ଚଷମା । ପରାଗନ୍ ଭଳି ଚମଡ଼ାର ପୁରୁଣା ଚପଲ ଓ ପକେଟରେ ମରାଯାଇଥିବା କଲମ । ନିଶରୁ ହଲେ ରଖି ଆସନ୍ତି ପଢ଼ାଇବା ପାଇଁ ଆମ ଗୁରୁଜୀ । ସମସ୍ତ ଛାତ୍ରଛାତ୍ରୀ ନିଶବ୍ଦ ହୋଇ ଯାଆନ୍ତି ସେତେବେଳେ। କେବଳ ଚାଳ ଉପରୁ ଶୁଭୁଥାଏ ସେହି ଘରଚଟିଆଙ୍କ କିଚିରି ମିଚିରି ଶବ୍ଦ । ପାଠ ଶେଷରେ ଗୁରୁଜୀ ପିଲାମାନଙ୍କୁ ଗପ ଶୁଣାନ୍ତି:

'ଦିନେ ଟୁଆଁ ଟୁଇଁକୁ ଡ଼ାକି କହିଲା ଆରେ ଗୋଟେ କଥା ଜାଣିଛ ! ଭାଲୁ ଆମ ଘରକୁ ନିମନ୍ତ୍ରଣ ପତ୍ର ନେଇ ଆସିଥିଲେ ଆଜି । ସେ ବହୁତ କରି କହି ଯାଇଛନ୍ତି ଯେ ଆମକୁ ଯିବା ପାଇଁ କାଲି ସନ୍ଧ୍ୟାରେ ହାତୀ ରାଜାଙ୍କ ବାହାଘରକୁ । ହାକିମ ହାତୀ ରାଜା ଦୂରରୁ ଥାଇ କହିଛନ୍ତି ଯେ ତାଙ୍କ ବାହାଘରରେ ଆମକୁ ବରଯାତ୍ରୀ ହୋଇ ଯିବା ପାଇଁ । ତାଙ୍କ ବାହାଘରରେ ତେଲିଙ୍ଗି ବାଇଦ ତୂରୀ, ଭେରି, ମହୁରୀ, ଶଙ୍ଖ ବାଜିବ। ଠେକୁଆ ମାନେ ଦଳବଳ ହୋଇ ନାଚିବେ । ଗଧ ମାନେ ଲିଚୁ ଲାଇଟି ଗଛଫୁଲ ଆଦି ଧରି ଚାଲିବେ । ବାଘ ଭାଇନା ବାଣୁଆ ହୋଇ ଜଙ୍ଗଲରେ ବାଣ ଫୁଟାଇବେ । ବାକି ଆଉ ଯେତେ ଜୀବଜନ୍ତୁ ସବୁ ରହିଲେ ଜଙ୍ଗଲରେ ସେମାନେ ମିଶି ହାତୀ ରାଜାଙ୍କ ରଥ ଟାଣିବେ । ଯେତେବେଳେ ହାତୀରାଜା ରୋଷଣୀ କରି ଘରୁ ବାହାରି ଯିବେ ସେତେବେଳେ ବେଙ୍ଗୁଲି ମାନେ ହୁଳହୁଳି ପାକାଇବେ ଓ ବେଙ୍ଗ ମାନେ ତାଳି ମାରିବେ । ବାକି ରହିଗଲେ ବିଲୁଆ ନନା ସେ ବେଦମନ୍ତ୍ର ପଢ଼ି ଫୁଲମାଳ ପିନ୍ଧାଇ ହାତୀ ରାଜାଙ୍କର ବାହାଘର କରିବେ । ଓଟମାନେ ମିଠାଇ କ୍ଷୀରି ଆମ୍ବିଳ ପୁରି ଇତ୍ୟାଦି ବାଣ୍ଟିବେ ବସି । ନେଉଳ ଶ୍ୱାନ ଆଉ ଯେତେ ପଶୁ ପକ୍ଷୀ କୀଟ ପତଙ୍ଗ ରହିଲେ ସେମାନେ ସବୁ ମନ ଖୁସିରେ ବସି ଭୋଜିଭାତ ଖାଇବେ ହସିହସି । ହରିଣ ମାନେ ସେହି ଭୋଜିଭାତ ରାନ୍ଧିବେ ସୁସ୍ୱାଦୁ କରି । ଖାଇବା ପରସିବା କାମ ସବୁ ସିଂହମାନେ କରିବେ । ଶେଷରେ ଘୋଡ଼ା ଗାଡ଼ିରେ ଆଣି ଆଦରର ସହ ଘରେ ଛାଡ଼ିଦେଇ ଯିବେ । ସେଠାରେ ବହୁତ ଆନନ୍ଦ ଲାଗିବ । ତେଣୁ ଆମେ କାଲି ସନ୍ଧ୍ୟାରେ ନିଶ୍ଚୟ ଯିବା ବୋଲି ଟୁଇଁ ଟୁଆଁକୁ କହିଲା କାନରେ ।'



ଏମିତି ପ୍ରକାରର ଗପ ଗୀତ ପାଠ ସମ୍ଭାରକୁ ନେଇ ରସମୟ ହେଉଥିଲା ପାଠପଢ଼ା । ଯାହା ଆଜିର ଶିଶୁମାନଙ୍କ ପାଇଁ ଏକ ଉଦାହରଣ । କେବଳ କାନ୍ଥରେ ଝୁଲୁଥିବା ଫଟଭଳି ସେହି ସମୟ ପାଲଟି ଯାଇଛି ଅଲୋଡ଼ା ଅଭୁଲା ଅତୀତ ହୋଇ ଆଜି । କଥା ଛଳରେ ଏହି କ୍ଷୁଦ୍ର ଶିଶୁ ଗଳ୍ପଟି ଥିଲା । ଯାହା ଆଗରୁ ଏହି ଗଳ୍ପ ସମ୍ବନ୍ଧୀୟ ଏକ କବିତା ରଚନା କରିବାରେ ସକ୍ଷମ ହୋଇଥିଲି ମା' ସରସ୍ୱତୀଙ୍କ କୃପାରୁ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର
ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର -
୭୫୫୦୧୧
ଦୂରଭାଷା ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)
Email -
amarnath.barick
@gmail.com

# ବାମପନ୍ଥୀ ଆନ୍ଦୋଳନର ସ୍ଥିତି ଓ ଗତି



ଅଧ୍ୟାପକ ଗୋପବନ୍ଧୁ

ଭାରତବର୍ଷରେ ବାମପନ୍ଥୀ ଆନ୍ଦୋଳନ କ୍ରମେ ଦୁର୍ବଳ ହେବାପରି ମନେ ହେଉଛି। ନିକଟରେ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କେରଳ ଥିଲା ଶେଷ ବାମପନ୍ଥୀ ଶାସିତ ରାଜ୍ୟ। ଏଠାରେ ମଧ୍ୟ ଏମାନେ ପରାଜିତ ହୋଇଛନ୍ତି। ଅବଶ୍ୟ ଏଠାରେ ନିୟମିତଭାବେ କ୍ଷମତାର ପରିବର୍ତ୍ତନ ହେଉଛି। ବେଳେବେଳେ କଂଗ୍ରେସ ମେଣ୍ଟତ କେତେବେଳେ ବାମପନ୍ଥୀ ମେଣ୍ଟ କ୍ଷମତାକୁ ଆସୁଛି। ଅର୍ଥାତ୍ ଏହି ରାଜ୍ୟରେ ଏବେବି କିଛିଟା ବାମପନ୍ଥୀ ବିଚାର ବଞ୍ଚିଛି। ଏଠାରେ ବାମପନ୍ଥୀମାନେ ବିରୋଧି ଦଳର ଭୂମିକାରେ ଅଛନ୍ତି। ୧୪୦ ଟି ଆସନରୁ ୩୫ ଟିରେ ଜିତିଛନ୍ତି। ଏହି ରାଜ୍ୟବାଦେ ପଶ୍ଚିମବଙ୍ଗ ଓ ତ୍ରିପୁରାରେ ପୂର୍ବରୁ ବାମପନ୍ଥୀ ସରକାର ଥିଲା। ତ୍ରିପୁରାରେ ବାମପନ୍ଥୀମାନେ ବିରୋଧୀ ଦଳର ଆସନରେ ଅଛନ୍ତି ୬୦ ଟିରୁ ୧୦ ଟି ଆସନରେ ଜିତି। ସବୁଠାରୁ ଦୟନୀୟ ଅବସ୍ଥା ପଶ୍ଚିମବଙ୍ଗରେ। ଏହି ରାଜ୍ୟକୁ ଦିନେ ବାମପନ୍ଥୀ ଆନ୍ଦୋଳନର ଏନ୍ତୁଡିଶାଳ ବୋଲି କୁହାଯାଉଥିଲା। ହେଲେ ଗତ ବିଧାନସଭା ନିର୍ବାଚନରେ ବାମପନ୍ଥୀମାନେ, ୨୯୪ ରୁ ମାତ୍ର ଦୁଇଟି ଆସନ ଜିତିବାକୁ ସକ୍ଷମ ହୋଇଛନ୍ତି। ନିକଟ ଭବିଷ୍ୟତରେ ରାଜ୍ୟରେ ପୁନର୍ବାର ବାମପନ୍ଥୀମାନେ କ୍ଷମତାକୁ ଫେରିବା କଷ୍ଟକର ବୋଲି ଚର୍ଚ୍ଚା ହେଉଛି। ଏତତ୍ ବ୍ୟତୀତ ଦେଶର ଅନ୍ୟାନ୍ୟ ରାଜ୍ୟରେ ଏମାନଙ୍କ ଯେଉଁ ସ୍ଥିତିଗତ ଗୁରୁତ୍ୱ ଥିଲା, ତାହା କ୍ରମେ ଦୁର୍ବଳ ହେଉଛି।

ନିର୍ବାଚନ ଫଳାଫଳ ଅନୁଯାୟୀ ଦେଶରେ ଦକ୍ଷିଣପନ୍ଥୀ ବିଚାରଧାରା ବିସ୍ତାରଲାଭ କରୁଛି। ବିଜେପି ଏକ ଦକ୍ଷିଣପନ୍ଥୀ ରାଜନୈତିକ ଦଳ। ଏହାର ସହଯୋଗୀମାନେ ମଧ୍ୟ ଦକ୍ଷିଣପନ୍ଥୀ। ମୋଟରେ ଦେଖିବାକୁ ଗଲେ ଏନଡିଏ ଏକ ଦକ୍ଷିଣପନ୍ଥୀ ମେଣ୍ଟ। ବିରୋଧି କଂଗ୍ରେସ ମଧ୍ୟ ଏକ ଦକ୍ଷିଣପନ୍ଥୀ ଦଳ। ଏହାର ସହଯୋଗୀ ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ମଧ୍ୟରୁ ସଂଖ୍ୟାଧିକ ହେଉଛନ୍ତି ଦକ୍ଷିଣପନ୍ଥୀ। ତେବେ ଆବଶ୍ୟକତା ଦୃଷ୍ଟିରୁ ଏହି ମେଣ୍ଟରେ ବାମପନ୍ଥୀ ଦଳମାନେ ମଧ୍ୟ ରହିଛନ୍ତି। ବର୍ତ୍ତମାନ କେନ୍ଦ୍ରରେ ଯେଉଁ ସରକାର ଚାଲିଛି ତାହା ହେଉଛି ଦକ୍ଷିଣପନ୍ଥୀ ସରକାର। ପ୍ରାୟ ସମସ୍ତ ରାଜ୍ୟରେ ଦକ୍ଷିଣପନ୍ଥୀ ସରକାର ଚାଲିଛି। ତାମିଲନାଡୁରେ ଯେଉଁ ସରକାର ଚାଲିଛି ତାହା ସମ୍ପୂର୍ଣ୍ଣ ଦକ୍ଷିଣପନ୍ଥୀ ନୁହେଁ। ଏହା ଉପରେ ବାମପନ୍ଥୀ ବିଚାରର ଛାପ ରହିଛି। ଉଭୟ ବିଜେପି ଓ କଂଗ୍ରେସ ଦକ୍ଷିଣପନ୍ଥୀ ହେଲେବି କଂଗ୍ରେସ ଉପରେ କିଛିଟା ବାମପନ୍ଥୀ ଆଭାସ ରହିଛି। ଅନ୍ୟପକ୍ଷରେ ବିଜେପି ଏକ ଶୁଦ୍ଧ ଦକ୍ଷିଣପନ୍ଥୀ ଦଳ। କେତେକ ଏହାକୁ ଅତି ଦକ୍ଷିଣପନ୍ଥୀ ଦଳଭାବେ ସମ୍ବୋଧିତ କରନ୍ତି।

ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଦୁଇଟି ପରସ୍ପର ବିରୋଧୀ ବିଚାରଧାରା। ବାମପନ୍ଥୀମାନେ ସାମ୍ୟବାଦରେ ବିଶ୍ୱାସ କରନ୍ତି, ଅର୍ଥାତ ସମାନତାରେ ବିଶ୍ୱାସ କରନ୍ତି। ଏମାନେ ପରିବର୍ତ୍ତନକାମୀ ଓ ପ୍ରତିକ୍ରିୟାଶୀଳ ରାଜନୀତିରେ ବିଶ୍ୱାସୀ। ସମତାଭିତ୍ତିକ ଅର୍ଥନୈତିକ ବ୍ୟବସ୍ଥା ଉପରେ ଏମାନେ ଗୁରୁତ୍ୱ ଦିଅନ୍ତି। ବୈଜ୍ଞାନିକ ଆଭିମୁଖ୍ୟ ଓ ହେତୁବାଦୀ ବିଚାର ଦ୍ୱାରା ଏମାନେ ଅଭିପ୍ରେତ। ଶ୍ରେଣୀସଂଘର୍ଷ ଜରିଆରେ ଏମାନେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି। ତେଣୁ ଶ୍ରମିକଶ୍ରେଣୀଙ୍କୁ ସଂଗଠିତ କରିବା ଉପରେ ଗୁରୁତ୍ୱ ଦିଅନ୍ତି। ଅର୍ଥନୈତିକ ଅସମାନତା ଯୋଗୁଁ ସମାଜରେ ଧାର୍ମିକ ଓ ସାଂସ୍କୃତିକ ବ୍ୟଭିଚାର ଦେଖାଦେଇଛି। ଏହାକୁ ନେଇ ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟ ପରିବ୍ୟାପ୍ତ ହୋଇଛି। ତେଣୁ ଏମାନଙ୍କ ଯୁକ୍ତି ଯେ ଆର୍ଥିକ ସମାନତା ଆସିଲେ ଏସବୁ ଆପେ ଦୂରେଇ ଯିବ। ସମାଜରେ ବୈଜ୍ଞାନିକ ଚେତନାର ବିକାଶ ହେବ ଓ ହେତୁବାଦୀ ବିଚାର ଉପରେ ଗୁରୁତ୍ୱ ବଢିବ। ଭାରତବର୍ଷରେ ବାମପନ୍ଥୀମାନେ କେତେଦୂର ଏହି ବିଚାରଧାରାର ଅନୁଗାମୀ ଓ କେତେମାତ୍ରାରେ ସାମାଜିକ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଛନ୍ତି ତାହା ସମୀକ୍ଷା ଯୋଗ୍ୟ।

ଅନ୍ୟପକ୍ଷରେ ଦକ୍ଷିଣପନ୍ଥୀମାନେ ରକ୍ଷଣଶୀଳ। ପ୍ରଚଳିତ ଧର୍ମ, ସଂସ୍କୃତି ଓ ପରମ୍ପରାର ସମର୍ଥକ। ଏମାନେ ପ୍ରାୟତଃ ପୁଞ୍ଜିବାଦୀ ଅର୍ଥନୀତିରେ ବିଶ୍ୱାସ କରନ୍ତି। ସମାଜିକ ଓ ଆର୍ଥିକ ଅସମାନତା ଈଶ୍ୱର ପ୍ରଦତ୍ତ। ଆର୍ଥିକ ସମାନତା ଏକ ଅସମ୍ଭବ ବ୍ୟାପାର। ସମାଜରେ ଉଚ୍ଚନୀଚ ସୋପାନ ରହିବ। ଈଶ୍ୱର ସତ୍ତାକୁ ସ୍ୱୀକାର କରିବାକୁ ପଡିବ। ଏମାନେ ପାଶ୍ଚାତ୍ୟ ଦେଶରେ ଚର୍ଚ୍ଚର ଆଧିପତ୍ୟକୁ ସ୍ୱୀକାର କରୁଥିଲେ। ଭାରତରେ ମନ୍ଦିର ଓ ମସଜିଦର ଆଧିପତ୍ୟକୁ ସ୍ୱୀକାର କରୁଛନ୍ତି। ପ୍ରାୟତଃ ଦକ୍ଷିଣପନ୍ଥୀମାନେ ଭଗବାନ ବିଶ୍ୱାସୀ। ତାଙ୍କ ଇଚ୍ଛାମତେ ସବୁକିଛି ପରିଚାଳିତ। ଧର୍ମଶାସ୍ତ୍ରମାନଙ୍କରେ ଯାହା ସବୁ ବର୍ଣ୍ଣନା ହୋଇଛି ସେସବୁ ସତ୍ୟ। ଏମାନେ ବିଜ୍ଞାନ ଓ ବୈଜ୍ଞାନିକ ସିଦ୍ଧାନ୍ତକୁ ମାନିବାକୁ ଅନେକ ସମୟରେ କୁଣ୍ଠାବୋଧ କରନ୍ତି। ହେତୁବାଦ ଅନେକ ଧାର୍ମିକ କଥନକୁ ମିଥ୍ୟାବୋଲି ପ୍ରମାଣ କରୁଥିବା ଯୋଗୁଁ ଏହାକୁ ସେମାନେ ଘୋର ବିରୋଧ କରନ୍ତି। ଲୋକମାନଙ୍କ ଭିତରେ ଧର୍ମ ଓ ଈଶ୍ୱର ଭାବନା ପ୍ରସାର କରିବା ଏହିପ୍ରକାର ସରକାରର ଏକ ମୁଖ୍ୟ ଯୋଜନା। ଭାରତବର୍ଷରେ ରାମମନ୍ଦିର ଆନ୍ଦୋଳନ ଏହାର ଏକ ଉଦାହରଣ। ଭାରତରେ ଦକ୍ଷିଣପନ୍ଥୀ ସରକାର ଆସିଲାପରେ ଚାରିଆଡ଼େ ମନ୍ଦିର ନିର୍ମାଣ କାର୍ଯ୍ୟ ବ୍ୟାପକଭାବେ ହେଉଛି। ଗାଁ ଗାଁରେ ମନ୍ଦିର ନିର୍ମାଣ ହେଉଛି। ଭଜନକୀର୍ତ୍ତନ, ଯଜ୍ଞପ୍ରବଚନ ଆଦି ବଢିବାରେ ଲାଗିଛି। ଯୁକ୍ତି ଓ ତଥ୍ୟଗତ ପ୍ରମାଣ ଅପ୍ରାସଙ୍ଗିକ ହୋଇଯାଉଛି। ଆସ୍ଥା ଓ ବିଶ୍ୱାସ ଏଗୁଡ଼ିକର ସ୍ଥାନ ନେଉଛି। ବିଶ୍ୱରେ ଦକ୍ଷିଣପନ୍ଥୀ ସଂଖ୍ୟାବହୁଳ ଧାର୍ମିକ ସରକାର ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରିବାର ଦେଖାଯାଏ। ଧାର୍ମିକ ବିବାଦ ଏହାର ବଡ ଦୁର୍ବଳତା। ନିଜ ଧର୍ମ ଶ୍ରେଷ୍ଠ ଓ ଅନ୍ୟଧର୍ମ ନିକୃଷ୍ଟ ଏହି ଧାରଣାର ବଶବର୍ତ୍ତୀ ଏମାନେ।

ପଶ୍ଚିମବଙ୍ଗ, ତ୍ରିପୁରା ଓ କେରଳ ସମେତ ସମଗ୍ର ଭାରତବର୍ଷରେ ବାମପନ୍ଥୀମାନଙ୍କ ପ୍ରତି ସମର୍ଥନ ହ୍ରାସ ପାଉଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଏହାକୁ ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ଦେଶରେ ଦକ୍ଷିଣପନ୍ଥୀଙ୍କ ପ୍ରତି ସମର୍ଥନ ବଢୁଛି। ଏହାର ଅର୍ଥ କେବଳ ବାମପନ୍ଥୀ ଭୋଟ ଦକ୍ଷିଣପନ୍ଥୀ ଆଡକୁ ଯାଉଛି ତାହା ନୁହେଁ, ଏହା ସହିତ ବିଚାରର ମଧ୍ୟ ପରିବର୍ତ୍ତନ ହେଉଛି। ଅର୍ଥାତ୍ ବାମପନ୍ଥୀମାନେ କ୍ରମେ ଦକ୍ଷିଣପନ୍ଥୀ ହେଉଛନ୍ତି। ଏପ୍ରକାର ଆଦର୍ଶଗତ ପରିବର୍ତ୍ତନ ବିଜେପି ପାଇଁ ସୁଖକର ହୋଇପାରେ, କିନ୍ତୁ ବାମପନ୍ଥୀ ରାଜନୈତିକ ଦଳଗୁଡିକ ପାଇଁ ଚିନ୍ତାର ବିଷୟ ନିଶ୍ଚୟ। ବାମପନ୍ଥୀ ଦଳଗୁଡ଼ିକୁ ଆତ୍ମ ସମିକ୍ଷା କରିବାକୁ ପଡ଼ିବ କାହିଁକି ତାଙ୍କ ପ୍ରତି ଜନସମର୍ଥନ ହ୍ରାସ ପାଉଛି। ବାମପନ୍ଥୀମାନେ ପ୍ରାୟତଃ ନାସ୍ତିକ କିମ୍ବା ଅର୍ଦ୍ଧନାସ୍ତିକ। ବିଜେପି ସମେତ ସମସ୍ତ ସହଯୋଗୀ ଦଳର ଲୋକମାନେ ଆସ୍ତିକ। ତେଣୁ ଗ୍ରହଣ କରିବାକୁ ପଡିବ ନାସ୍ତିକମାନେ କ୍ରମେ ଆସ୍ତିକ ହେଉଛନ୍ତି। ପଶ୍ଚିମବଙ୍ଗରେ ଦୀର୍ଘ ୩୪ ବର୍ଷର ବାମପନ୍ଥୀ ଶାସନ ପରେ ଏଠାକାର ଜନତା ଟିଏମ୍‌ସି ଆଡକୁ ମୁହାଁଇ ଥିଲେ। ପୁଣି ଟିଏମ୍‌ସିର ୧୫ ବର୍ଷର ଶାସନ ପରେ ସେମାନେ ପୁଣି ବିଜେପି ଆଡକୁ ମୁହାଁଇଛନ୍ତି। ଅର୍ଥାତ୍ ବାମପନ୍ଥୀରୁ ଗତି ଦକ୍ଷିଣପନ୍ଥୀକୁ, ସାମ୍ୟବାଦରୁ ପୁଞ୍ଜିବାଦକୁ।

ଭରତବର୍ଷରେ ବାମପନ୍ଥୀ ଆନ୍ଦୋଳନ ନିମ୍ନଗାମୀ ହେବାର କାରଣ ହେଉଛି ଏମାନେ ଭାରତୀୟ ସାମାଜିକ ବିଷମତାକୁ ହଟାଇବା ଦିଗରେ ଉପାଦେୟ ପଦକ୍ଷେପ ନେଇ ନାହାଁନ୍ତି। ଏମାନେ ପାଶ୍ଚାତ୍ୟ ଆର୍ଥିକ ବିଷମତାର ବିଶ୍ଳେଷଣକୁ ଭାରତ ପାଇଁ ସଠିକ ବୋଲି ଧରି ନେଇଛନ୍ତି। ଆର୍ଥିକ ସମାନତା ଆସିଲେ ସାମାଜିକ ସମାନତା ଆସିବ, ତେଣୁ ଶ୍ରମିକ ଶ୍ରେଣୀ ଓ ଦରିଦ୍ର ଲୋକଙ୍କ ଆର୍ଥିକ ବିକାଶ ଉପରେ ନିଜ କାର୍ଯ୍ୟକ୍ରମକୁ ସୀମିତ ରଖିଛନ୍ତି। ସମାଜିକ ଅସମାନତାର ଜଡ ଜାତିପ୍ରଥାକୁ ହଟାଇବାର ପାରଦର୍ଶୀ କାର୍ଯ୍ୟକ୍ରମ ଏମାନଙ୍କ ନୀତିରେ ନାହିଁ। ଏହାକୁ ଏକ ସମସ୍ୟାଭାବେ ଗ୍ରହଣ କରିବାକୁ ଏମାନେ ପ୍ରସ୍ତୁତ ନୁହଁନ୍ତି। ଏହାର କାରଣ ହେଉଛି ଦେଶରେ ବାମପନ୍ଥୀ ଆନ୍ଦୋଳନର ନେତୃତ୍ୱ ସେହି ତଥାକଥିତ ଅଗ୍ରସର ବର୍ଗଙ୍କ ହାତରେ ରହିଛି, ଯେଉଁମାନେ କଦାପି ଚାହାଁନ୍ତି ନାହିଁ ଜାତିବ୍ୟବସ୍ଥାର ସମାପ୍ତ ହେଉ। କିନ୍ତୁ ଏମାନେ ଶ୍ରମିକ ଓ ଦରିଦ୍ର ଲୋକଙ୍କୁ ନେଇ ସଂଗଠନ କରନ୍ତି ଯେଉଁମାନେ ପ୍ରାୟତଃ ସମାଜର ତଥାକଥିତ ତଳଜାତିର ଲୋକ। ତେଣୁ ଶୀର୍ଷନେତା ଓ ତଳକର୍ମୀଙ୍କ ମଧ୍ୟରେ ଭିନ୍ନ ସାମାଜିକ ଭାବନା ରହିଛି। କର୍ମୀମାନେ ଭାବୁଛନ୍ତି ଦକ୍ଷିଣପନ୍ଥୀ ନେତାମାନେ ଯେଉଁପରି ଉଚ୍ଚଜାତିବାଦୀ ଭାବନାର ଶୀକାର, ବାମପନ୍ଥୀ ନେତାମାନେ ମଧ୍ୟ ସେହିପରି ଉଚ୍ଚଜାତିବାଦୀ ଭାବନାରେ ବୁଡ଼ି ରହିଛନ୍ତି। ଖାଲି ଭାଷଣରେ ସମାନତା, କାମରେ ନୁହେଁ।

ଆଗକୁ ଭାରତୀୟ ବାମପନ୍ଥୀ ଆନ୍ଦୋଳନର କଠିନ ସମୟ ଆସୁଛି। ଅନ୍ୟ ଏକ ପନ୍ଥୀ ଦେଶରେ କ୍ଷୀପ୍ରଭାବେ ବିସ୍ତାରଲାଭ କରୁଛି, ତାହା ହେଉଛି ଭୀମପନ୍ଥୀ। ଏମାନେ ନା ବାମପନ୍ଥୀରେ ଯାଆନ୍ତି ନା ଦକ୍ଷିଣପନ୍ଥୀରେ ଯାଆନ୍ତି। ଏମାନେ ଆର୍ଥୀକ ସ୍ୱାବଲମ୍ବନଶୀଳ ହେବା ସହିତ ଜାତିବ୍ୟବସ୍ଥା ଓ ଧାର୍ମିକ ପାଖଣ୍ଡବାଦର ବିରୋଧୀ। ଏମାନେ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ଓ ମାର୍ଗକୁ ଅନୁସରଣ କରନ୍ତି। ବାମପନ୍ଥୀ ତୁଲ୍ୟ ଏମାନଙ୍କ ମଧ୍ୟ ଜନାଧାର ହେଉଛି ସମାଜର ତଳ ସ୍ତରର ଜାତିମାନେ, ଯେଉଁମାନେ ଜାତିବ୍ୟବସ୍ଥା ଦ୍ୱାରା ଅତ୍ୟାଚାରୀତ ଓ ଶୋଷିତ ହୋଇ ଆସିଛନ୍ତି। ତଫାତ ହେଉଛି ବାମପନ୍ଥୀ ଆନ୍ଦୋଳନର ନେତୃତ୍ୱ ତଥାକଥିତ ଉଚ୍ଚଜାତିମାନେ ନେଉଛନ୍ତି ଓ ଭୀମବାଦୀ ଆନ୍ଦୋଳନର ନେତୃତ୍ୱ ଏମାନେ ନିଜେ ନେଉଛନ୍ତି। ତେଣୁ ବାମପନ୍ଥୀ ଜନାଧାରା କ୍ରମେ ଏମାନଙ୍କ ଆଡକୁ ମୁହାଁଉଛି। ଏମାନେ ଯେତେ ବଢିବେ ବାମପନ୍ଥୀ ଆନ୍ଦୋଳନ ସେତେ ଦୁର୍ବଳ ହେବ। ଭାରତବର୍ଷର ପରିପ୍ରେକ୍ଷୀରେ ବାମପନ୍ଥୀମାନେ ଜାତିଗତ ଅସମାନତାର ସମାଧାନକୁ ଗୁରୁତ୍ୱ ନଦେବା ତାତ୍ତ୍ୱିକ ତ୍ରୁଟି ପରି ମନେହୁଏ। ଭାରତୀୟ ପୁଞ୍ଜିବାଦର ଶକ୍ତି ହେଉଛି ଜାତିବ୍ୟବସ୍ଥା। ଏହା କେବେବି ଶ୍ରମିକ-ଦରିଦ୍ର ଗୋଷ୍ଠୀକୁ ଏକତ୍ରୀତ ହେବାକୁ ଦେବନାହିଁ। ଜାତିବ୍ୟବସ୍ଥା ସର୍ବଦା ଏମାନଙ୍କୁ ଭାଗ ଭାଗ କରି ରଖିବ।

ବାମପନ୍ଥୀମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭବପର ଯଦି ଏମାନେ ଉଭୟ ଆର୍ଥିକ ଓ ସାମାଜିକ ବିଷମତାକୁ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ନୂତନ ଜାତିରହିତ ପ୍ରଗତୀଶୀଳ ସମାଜର ପରିକଳ୍ପନା କରନ୍ତି। ଏଥିପାଇଁ ଏହାର ଶୀର୍ଷ ନେତୃତ୍ୱକୁ ଜାତି କବଳରୁ ମୁକୁଳିବାକୁ ପଡିବ। କର୍ମୀମାନଙ୍କୁ ଏଦିଗରେ ପ୍ରେରିତ କରିବାକୁ ହେବ। ଜାତିବାଦୀ ଖୋଳ ଭିତରେ ରହି ସାମ୍ୟବାଦୀ ଆନ୍ଦୋଳନ କରାଯାଇ ପାରିବ ନାହିଁ ବୋଲି ହୃଦବୋଧ କରାଇବାକୁ ହେବ। ଆଜିବି ଦେଶରେ ସାମ୍ୟବାଦୀ ଆନ୍ଦୋଳନର ପ୍ରାସଙ୍ଗିକତା ରହିଛି। ଏମାନେ ଜାତିବାଦୀ ବ୍ୟବସ୍ଥାରୁ ବାହାରି ଏକ ନୂତନ ଜାତିବିହୀନ, ବିଜ୍ଞାନସମ୍ମତ ଓ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠା ପାଇଁ ଆଗଭର ହେଲେ ପୁଣି ଆନ୍ଦୋଳନ ଆଗକୁ ବଢିପାରିବ। ଅନ୍ୟଥା ସାଧାରଣ ଜନତା ଜାତିବାଦୀ ବାମବାଦ ଛାଡି ଶୁଦ୍ଧ ଦକ୍ଷିଣବାଦ ଆଡ଼େ ମୁହାଁଇବା ନିଶ୍ଚିତ।



ଦର୍ଶନ ବିଭାଗ(ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ, ମୋ.
୭୦୦୮୯୭୬୧୮୦

# ବୃଦ୍ଧ ବାପା-ମା'ଙ୍କ ସାହାରା ଆଜି ମରଣ ସହ ସଂଗ୍ରାମରେ

## ଦୁଇ କିଡନୀ ଅକାମୀ; ୨୦ ଲକ୍ଷ ଟଙ୍କା ଅଭାବରେ ଜୀବନ-ମୃତ୍ୟୁର ସନ୍ଧିକ୍ଷଣରେ ୨୭ ବର୍ଷୀୟ ହେମନ୍ତ

**ଚିକିଟୀ,୪ ।୭ :** ପୁଅ ଜନ୍ମ ହେଲେ ବାପା-ମା'ଙ୍କ ଆଖିରେ ଅଙ୍କୁରିତ ହୁଏ ଅସଂଖ୍ୟ ସ୍ୱପ୍ନ । ବୃଦ୍ଧାବସ୍ଥାରେ ସେହି ପୁଅ ହିଁ ହେବ ସାହାରା, ଦୁଃଖ-ଦୁର୍ଦ୍ଦଶାରେ ଧରିବ ହାତ, ଅଭାବର ସଂସାରକୁ ହସରେ ଭରିଦେବ—ଏହି ଆଶାରେ ସେମାନେ ଜୀବନ ବିତାନ୍ତି । କିନ୍ତୁ ଭାଗ୍ୟର ନିଷ୍ଠୁର ପରିହାସ ସେହି ସ୍ୱପ୍ନକୁ ମୁହୂର୍ତ୍ତକେ ଚୂର୍ଣ୍ଣବିଚୂର୍ଣ୍ଣ କରିଦିଏ । ଆଜି ସେଭଳି ଏକ ହୃଦୟବିଦାରକ କାହାଣୀ ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକର କେ. ନୂଆଗାଁ ଗ୍ରାମର ରଙ୍କ ପ୍ରଧାନଙ୍କ ୨୭ ବର୍ଷୀୟ ଯୁବକ ହେମନ୍ତ କୁମାର ପ୍ରଧାନ ଆଜି ମରଣ ସହ ସଂଗ୍ରାମ କରୁଛନ୍ତି । ସରକାରଙ୍କ 'ମୋ ବ୍ୟାଙ୍କ' ପ୍ରକଳ୍ପରେ କିଛି ମାସ କାମ କରି ନିଜ ଗୋଡ଼ରେ ଠିଆ ହେବାର ସ୍ୱପ୍ନ ଦେଖୁଥିବା ହେମନ୍ତଙ୍କ ଜୀବନ ହଠାତ୍ ଦୁଇ ବର୍ଷ ତଳେ ଅନ୍ଧକାରକୁ ଠେଲି ଦିଆଯାଇଥିଲା । ସାମାନ୍ୟ ଅସୁସ୍ଥତା ପରେ ଚିକିତ୍ସା ପାଇଁ ଯିବା ସମୟରେ ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଲା ଯେ ତାଙ୍କର ଦୁଇଟି କିଡନୀ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇଯାଇଛି । ଏହି ଖବର ଶୁଣିବା ପରେ ବୃଦ୍ଧ ବାପା-ମା'ଙ୍କ ପାଦତଳରୁ ମାଟି ଖସିଯାଇଥିଲା । ଯେଉଁ ପୁଅକୁ ନେଇ ସେମାନେ ଭବିଷ୍ୟତର ସ୍ୱପ୍ନ ଦେଖୁଥିଲେ, ସେହି ପୁଅକୁ ବଞ୍ଚାଇବା ପାଇଁ ଏବେ ହସ୍ପିଟାଲରୁ ହସ୍ପିଟାଲ ଦୌଡ଼ୁଛନ୍ତି । ଅତ୍ୟନ୍ତ ଦରିଦ୍ର ପରିବାର । ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡିଏ ଘର ଛଡ଼ା ଆଉ କୌଣସି ସମ୍ପତ୍ତି ନାହିଁ । ହାଡ଼ଭଙ୍ଗା ପରିଶ୍ରମ କଲେ ହିଁ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ ହୁଏ । ଏଭଳି ଅବସ୍ଥାରେ ପୁଅର ଚିକିତ୍ସା ଖର୍ଚ୍ଚ ବହନ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି । ସବୁଠାରୁ ମାର୍ମିକ ଦୃଶ୍ୟ ହେଉଛି—ନିଜ ପୁଅକୁ ବଞ୍ଚାଇବା ପାଇଁ ମା' ନିଜର ଗୋଟିଏ କିଡନୀ ଦେବାକୁ ପ୍ରସ୍ତୁତ । କିନ୍ତୁ କିଡନୀ ପ୍ରତିରୋପଣ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜାଣିବା ପରେ ଦରିଦ୍ର ବାପା-ମା' ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି । ସେମାନଙ୍କ ପାଇଁ ଏହି ବିପୁଳ ଅର୍ଥରାଶି ସଂଗ୍ରହ କରିବା କେବଳ ସ୍ୱପ୍ନ ହୋଇ ରହିଯାଇଛି । ହେମନ୍ତଙ୍କୁ ସୁସ୍ଥ କରିବା ପାଇଁ ପରିବାର ଲୋକେ ଅନେକ ଡାକ୍ତରଙ୍କ ଶରଣାପନ୍ନ ହୋଇଛନ୍ତି । ସରକାରୀ ସ୍ୱାସ୍ଥ୍ୟ କାର୍ଡର ସୀମା ଶେଷ ହୋଇଯାଇଛି । ବନ୍ଧୁ, ସାଙ୍ଗସାଥୀ ଓ ଗ୍ରାମବାସୀଙ୍କ ସହଯୋଗରେ ମିଳିଥିବା ସମସ୍ତ ଅର୍ଥ ମଧ୍ୟ ଚିକିତ୍ସାରେ ଶେଷ ହୋଇସାରିଛି । ବର୍ତ୍ତମାନ ହେମନ୍ତଙ୍କୁ ବଞ୍ଚାଇବା ପାଇଁ ସପ୍ତାହକୁ ଦୁଇରୁ ତିନିଥର ନିୟମିତ ଡାୟାଲିସିସ୍ ଅତ୍ୟାବଶ୍ୟକ । କିନ୍ତୁ ଆର୍ଥିକ ଅଭାବ ଏପରି ଚରମ ସୀମାରେ ପହଞ୍ଚିଛି ଯେ, ଡାୟାଲିସିସ୍ ତ ଦୂରର କଥା, ହସ୍ପିଟାଲ ଯିବା-ଆସିବା ଖର୍ଚ୍ଚ ଯୋଗାଡ଼ କରିବା ମଧ୍ୟ ପରିବାର ପକ୍ଷରେ ସମ୍ଭବ ହେଉନାହିଁ । ଫଳରେ ଅର୍ଥାଭାବ ହିଁ ତାଙ୍କ ଚିକିତ୍ସାର ସବୁଠୁ ବଡ଼ ବାଧକ ସାଜିଛି । ଯେଉଁ ଯୁବକ ଦିନେ ବୃଦ୍ଧ ବାପା-ମା'ଙ୍କ ଜୀବନର ଆଶାର ଦୀପ ଥିଲେ, ଆଜି ସେହି ଦୀପ ଲିଭିଯିବାର ଉପକ୍ରମ । ତେଣୁ ଜଣେ ଉଦୀୟମାନ ଯୁବକଙ୍କ ଜୀବନ ବଞ୍ଚାଇବା ଏବଂ ଅସହାୟ ବୃଦ୍ଧ ବାପା-ମା'ଙ୍କ ଆଖିରୁ ଲୁହ ପୋଛିବା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଓ ସମାଜର ସହୃଦୟ ବ୍ୟକ୍ତିମାନଙ୍କୁ ଆଗକୁ ଆସି ସହାୟତାର ହାତ ବଢ଼ାଇବାକୁ ହେମନ୍ତଙ୍କ ପରିବାର ଏବଂ ଗ୍ରାମବାସୀ କୋହଭରା କଣ୍ଠରେ ନିବେଦନ କରିଛନ୍ତି । ସମୟୋଚିତ ସହାୟତା ମିଳିଲେ ହୁଏତ ମୃତ୍ୟୁର ଦ୍ୱାରଦେଶରୁ ଫେରି ଆସିପାରିବେ ହେମନ୍ତ, ଆଉ ପୁଣିଥରେ ବୃଦ୍ଧ ବାପା-ମା'ଙ୍କ ଜୀବନରେ ଫେରିଆସିବ ଆଶାର ଆଲୋକ ।




# ଆହାର କେନ୍ଦ୍ର ସମ୍ମୁଖରେ ଗୋବର, ଦୁର୍ଗନ୍ଧ ଓ ମୃତ ଗାଈ

## ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ

**କୋରାପୁଟ,୪ ।୭ :** କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ର ସମ୍ମୁଖରେ ଅବ୍ୟବସ୍ଥାର ଚିତ୍ର ଏବେ ଚିନ୍ତାର କାରଣ ପାଲଟିଛି । ଆହାର କେନ୍ଦ୍ର ନିକଟସ୍ଥ ପାର୍କିଂ ସେଡ୍‌ରେ ଗାଈ-ଗୋରୁଙ୍କ ଅବାଧ ବିଚରଣ, ଚାରିଆଡ଼େ ଗୋବରର ଆସ୍ତରଣ ଏବଂ ଏକ ମୃତ ଗାଈ ପଡ଼ି ରହିଥିବାରୁ ସମଗ୍ର ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି । ଏହାର ସିଧାସଳଖ ପ୍ରଭାବ ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଆହାର କେନ୍ଦ୍ରକୁ ଆସୁଥିବା ସାଧାରଣ ଲୋକଙ୍କ ଉପରେ ପଡୁଛି । ଅଭିଯୋଗ ଅନୁଯାୟୀ, ପାର୍କିଂ ସେଡ୍ ?ଟି ଗାଈ-ଗୋରୁଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୋଇଥିବା ବେଳେ ନିୟମିତ ସଫେଇର ଅଭାବ ଯୋଗୁଁ ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି । ଆହାର କେନ୍ଦ୍ରରେ ଖାଦ୍ୟ ଗ୍ରହଣ କରିବାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଦୁର୍ଗନ୍ଧ ମଧ୍ୟରେ ଖାଦ୍ୟ ଖାଇବାକୁ ବାଧ୍ୟ ହେଉଥିବା କହି ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ଷା ଋତୁରେ ଏଭଳି ଅପରିଷ୍କାର ପରିବେଶ ରୋଗର ଆଶଙ୍କା ବଢ଼ାଇପାରେ ବୋଲି ସଚେତନ ମହଲ ମତ ପ୍ରକାଶ କରିଛନ୍ତି । ସମାଜସେବୀ ରମେଶ ଖରା ପୌରପରିଷଦ ଏବଂ ସମ୍ପୃକ୍ତ ବିଭାଗକୁ ତୁରନ୍ତ ସଫେଇ କାର୍ଯ୍ୟ କରିବା ସହ ଗାଈ-ଗୋରୁଙ୍କ ଅବାଧ ବିଚରଣ ରୋକିବାକୁ ଦାବି କରିଛନ୍ତି । ସେପଟେ ହସ୍ପିଟାଲର ଜଣେ କାର୍ଯ୍ୟରତ ଡାକ୍ତର କହିଛନ୍ତି ଯେ, କେବଳ ପ୍ରଶାସନ ନୁହେଁ, ହସ୍ପିଟାଲକୁ ଆସୁଥିବା ଲୋକମାନେ ମଧ୍ୟ ଅଳିଆ ଆବର୍ଜନା ଏଣେତେଣେ ନ ପକାଇବା, ପାନ-ଗୁଟଖା ଖାଇ ଛେପ ନ ପକାଇବା ଭଳି ସଚେତନ ଆଚରଣ କରିବା ଆବଶ୍ୟକ । ପ୍ରଶାସନ ଓ ସାଧାରଣ ଲୋକଙ୍କ ମିଳିତ ସହଯୋଗରେ ହସ୍ପିଟାଲ ପରିସରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖାଯାଇପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି ।



# ସାପ କାମୁଡ଼ାରେ ଚାଲିଗଲା ଚାଷୀଙ୍କ ଜୀବନ



**ଫୁଲନଖରା,୪ ।୭ :** କଟକ ସଦର ଅଞ୍ଚଳର ୪୨ ମୌଜା ଅନ୍ତର୍ଗତ ବଉଳକୂଦ ଗ୍ରାମର ଜଣେ ପରିଶ୍ରମୀ ଚାଷୀ ସନାତନ ଦାସ (୫୧)ଙ୍କ ସର୍ପ ଦଂଶନରେ ମୃତ୍ୟୁ ଘଟିଥିବା ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସୂଚନା ଅନୁଯାୟୀ, ସନାତନ ଦାସ ନିଜ ଚାଷ କାମ ପାଇଁ ବିଲକୁ ଯାଇଥିବା ବେଳେ ଅସାବଧାନତାବଶତଃ ଏକ ବିଷଧର ସାପ ତାଙ୍କୁ ଦଂଶନ କରିଥିଲା । ଗୁରୁତର ଅବସ୍ଥାରେ ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସନାତନଙ୍କ ଅକାଳ ବିୟୋଗରେ ତାଙ୍କ ପତ୍ନୀ ଓ ଦୁଇ ଝିଅଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସମଗ୍ର ପରିବାର ଅସହାୟ ହୋଇପଡ଼ିଛି । ତାଙ୍କ ମୃତ୍ୟୁ ଖବର ପାଇ ବଡ଼ ଭାଇ ଅଜୁ ଦାସ ଓ ବିଜୟ ଦାସଙ୍କ ସମେତ ସମସ୍ତ ପରିବାର ସଦସ୍ୟ ଭାଙ୍ଗିପଡ଼ିଥିଲେ । ମୃତଦେହ ଗ୍ରାମକୁ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ଶହ ଶହ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା । ଗ୍ରାମର ମୁରବି ସୁବୋଧ ଦେବତା, ସନ୍ତୋଷ ବେହେରା, ନୁର ବେହେରା, ଶରତ ଦେବତା, ତାପସ ଦେବତା, ଦିଲ୍ଲୀପ ପତି, ଅରୁଣ ଦାସ, ବସନ୍ତ କୁମାର ଦେବତା, ଅନିଲ ଦାସ, ରଘୁ ଦାସ, ରବୀନ୍ଦ୍ର ଦେବତା, ସୁକାନ୍ତ ଦାସ, ତ୍ରୈଲୋକ୍ୟ କାଣ୍ଡି, ବାବୁ ଦାସ, ପ୍ରଶାନ୍ତ ଦେବତାଙ୍କ ସମେତ ବିଶିଷ୍ଟ ସମାଜସେବୀ ଆର୍ତ୍ତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ମୃତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ସମସ୍ତ ଧାର୍ମିକ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ମୃତକଙ୍କ ପୁତୁରା ସାଗର ଦାସ ମୁଖାଗ୍ନି ପ୍ରଦାନ କରିଥିଲେ । ସନାତନ ଦାସଙ୍କ ଅକାଳ ବିୟୋଗରେ ସମଗ୍ର ବଉଳକୂଦ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଗ୍ରାମବାସୀ ତାଙ୍କୁ ଜଣେ ପରିଶ୍ରମୀ, ମିଷ୍ଟଭାଷୀ ଓ ମିଳନସାର ଚାଷୀ ଭାବେ ସ୍ମରଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସରକାରୀ ସହାୟତା ଓ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ଦ୍ୱିତୀୟ ଥର ଠାବ ବଡ଼ ମାଓ ଡମ୍ପ

# ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ

**କୋରାପୁଟ,୪ ।୭ :** କୋରାପୁଟ ଜିଲ୍ଲାର ବୋଇପାରିଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମା ଜଙ୍ଗଲରୁ ପୁଣି ଏକ ବଡ଼ ମାଓ ଡମ୍ପ ଠାବ କରିଛନ୍ତି ସୁରକ୍ଷା ବାହିନୀ । ଡିଭିଏଫ୍, ଏସଓଜି ଓ ବିଏସଏଫ୍‌ର ମିଳିତ କମ୍ବିଂ ଅପରେସନ୍ ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ



ମାଓବାଦୀଙ୍କ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି । ଏହି ସଫଳତାକୁ କୋରାପୁଟ ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନର ଆଉ ଏକ ବଡ଼ ସଫଳତା ବୋଲି ପୋଲିସ କହିଛି । ସୂଚନା ଅନୁଯାୟୀ, ସର୍ଚ୍ଚ ଅପରେସନ୍ ସମୟରେ ମାଟି ତଳେ ଲୁଚାଇ ରଖାଯାଇଥିବା ଏହି ଡମ୍ପରୁ ୬ଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ, ୨୦ରୁ ଅଧିକ ଜୀବନ୍ତ ଗୁଳି, ଟିଫିନ୍ ବୋମା, ଜେଲାଟିନ୍ ଷ୍ଟିକ୍, ବିଦ୍ୟୁତ ତାର, ଫ୍ଲାଶଲାଇଟ୍, ବିଭିନ୍ନ ବିସ୍ଫୋରକ ସାମଗ୍ରୀ ଏବଂ ମାଓବାଦୀ ପୁସ୍ତିକା ଜବତ କରାଯାଇଛି । ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଉଦ୍ଧାର ହୋଇଥିବା ସାମଗ୍ରୀ ଆନ୍ଧ୍ର–ଓଡ଼ିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟି (ଇଙ୍ଗଈଝତଉ)ର ମାଓ କ୍ୟାଡରଙ୍କର ହୋଇଥିବା ସନ୍ଦେହ କରାଯାଉଛି । ଗତ ୨୨ ଜୁନରେ ବାଦଲିପାହାଡ଼ ଜଙ୍ଗଲରୁ ଏକ ବଡ଼ ମାଓ ଡମ୍ପ ଉଦ୍ଧାର ହୋଇଥିବାବେଳେ, ମାତ୍ର ୧୧ ଦିନ ବ୍ୟବଧାନରେ ପୁଣି ଏଭଳି ବଡ଼ ଡମ୍ପ ଠାବ ହେବା ସୁରକ୍ଷା ବାହିନୀ ପାଇଁ ଆଉ ଏକ ଉଲ୍ଲେଖନୀୟ ସଫଳତା ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ନକ୍ସଲ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୋକିବା, ଜଙ୍ଗଲ ଅଞ୍ଚଳରେ ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଠାବ କରିବା ପାଇଁ ଡିଭିଏଫ୍, ଏସଓଜି ଓ ବିଏସଏଫ୍‌ର ମିଳିତ କମ୍ବିଂ ଅପରେସନ୍ ଜାରି ରହିଛି । ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଅଧିକ ଜୋରଦାର ଭାବେ ଜାରି ରହିବ ବୋଲି କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି ।

## ଟେଙ୍ଗା ଧରି ମଦ ବିରୋଧରେ ମହିଳାଙ୍କ ରଣହୁଙ୍କାର

# ମଦ ବନ୍ଦ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଶତାଧିକ ମହିଳା

**କୋରାପୁଟ, ୪ ।୭ :** କୋରାପୁଟ ଜିଲ୍ଲାର କୁନ୍ଦ୍ରା ବ୍ଲକ ଅନ୍ତର୍ଗତ ପୁପୁଗାଁ ଗ୍ରାମ ପଞ୍ଚାୟତରେ ବେଆଇନ ମଦ କାରବାର ବିରୋଧରେ



ଶତାଧିକ ମହିଳା ହାତରେ ଟେଙ୍ଗା ଧରି ପ୍ରତିବାଦ କରିଛନ୍ତି । ସେମାନେ କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ଦେଶୀ ଓ ବିଦେଶୀ ମଦର ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବେଆଇନ ଚୋରା ମଦ କାରବାର ଉପରେ ତୁରନ୍ତ କଠୋର ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି । ମହିଳାମାନଙ୍କ ଅଭିଯୋଗ ଅନୁସାରେ, ପୁପୁଗାଁ ପଞ୍ଚାୟତରେ ଦୀର୍ଘଦିନ ଧରି ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ସହ ଚୋରା ମଦ ପ୍ରସ୍ତୁତି ଚାଲିଛି । ବିଭିନ୍ନ ଭାଟିରୁ ଗାଁକୁ ଗାଁ ମଦ ଯୋଗାଣ ହେଉଥିବାରୁ ଯୁବପିଢ଼ି ନିଶାଗ୍ରସ୍ତ ହେଉଛନ୍ତି ଏବଂ ଏହାର କୁପ୍ରଭାବ ପରିବାର ଓ ସମାଜ ଉପରେ ପଡୁଛି । ମଦ୍ୟପାନ ଯୋଗୁଁ ଘରୋଇ ହିଂସା, ପାରିବାରିକ ଅଶାନ୍ତି, ଆର୍ଥିକ ସଙ୍କଟ ଓ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ମହିଳା ଓ ଶିଶୁମାନେ ସର୍ବାଧିକ ପ୍ରଭାବିତ ହେଉଥିବା ସେମାନେ କହିଛନ୍ତି । ଗତ ତିନି ମାସ ଧରି ପୋଲିସ ଓ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସେମାନେ କହିଛନ୍ତି । ତୁରନ୍ତ ପଦକ୍ଷେପ ନ ନିଆଗଲେ ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଭାଟି ଭାଙ୍ଗିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ପ୍ରସଙ୍ଗରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି ଯେ, ଚୋରା ମଦ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବେଆଇନ ମଦ କାରବାର ବିରୋଧରେ ପୂର୍ବରୁ ଚଢ଼ାଉ ଜାରି ରହିଛି ଏବଂ ଆଗାମୀ ଦିନରେ ମଧ୍ୟ କଠୋର ଅଭିଯାନ ଚାଲିବ । ସରକାରୀ ଅନୁମତିପ୍ରାପ୍ତ ମଦ ବ୍ୟବସାୟୀମାନେ ନିୟମ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏବେ ମହିଳାମାନଙ୍କ ଦାବି ପରେ ପ୍ରଶାସନ କେତେ ଶୀଘ୍ର ଓ କେତେ ଫଳପ୍ରଦ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ବନ ମହୋତ୍ସବ ଅବସରରେ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ପ୍ରୋତ୍ସାହନ

**ବଣାଇ,୪ ।୭ :** ରାଉରକେଲା ପରିଷଦର ଓଡ଼ିଶା ମଡ୍ୟୁଲ ପକ୍ଷରୁ ସେକ୍ଟର-୧୩ ଜେଟିସିସି କ୍ଲବ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଶ୍ରୀ ରବିକାନ୍ତ ମୀଣା (ଆଇଏଫଏସ), ଡିଏଫଓ, ରାଉରକେଲା ଯୋଗ ଦେଇଥିଲେ । ଏହି ଅବସରରେ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ପ୍ରୋତ୍ସାହନ ପରିଷଦର ଓଡ଼ିଶା ମଡ୍ୟୁଲର ଅଧ୍ୟକ୍ଷ ଶ୍ରୀ ଅମିତାଭ ସାମଲଙ୍କ ସହ ଶ୍ରୀମତୀ ଲଭଲିନା ସାମଲ, ଆୟୁଷ ସାମଲ, ଅନିକେତ ସାହୁ, ଶ୍ରୀ ନୀଳକଣ୍ଠ ଦାସ, ଆଲୋକ ପ୍ରଧାନ ଏବଂ ପିରୁଚରଣ ମୁର୍ମୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ ।






# ଓଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକଙ୍କ ଅବସର ଗ୍ରହଣ

**ବଣାଇ,୪ ।୭ :** ଖୁଣ୍ଟଗାଁ ଲ୍ୟାମ୍ପସ ର ପରିଚାଳନା ନିର୍ଦ୍ଦେଶକ ବସନ୍ତ କୁମାର ପଲେଇଙ୍କ ଇତିମଧ୍ୟରେ କାର୍ଯ୍ୟକାଳ ସମାପ୍ତ ହୋଇଯାଇଛି । ଏହି ଅବସରରେ ଖୁଣ୍ଟଗାଁ ଲ୍ୟାମ୍ପ ତରଫରୁ



ସଭାପତି ଅଜୟ ନାୟକ ଙ୍କ ଅଧ୍ୟକ୍ଷତାରେ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସଙ୍ଗେ ସଙ୍ଗେ ଅତିରିକ୍ତ ଦାୟିତ୍ୱ ନେଇଥିବା ମହୁଲପଦା କ୍ୟାମ୍ପସ ର ପରିଚାଳନା ନିର୍ଦ୍ଦେଶକ ଦୁର୍ଯ୍ୟୋଧନ କିସାନ ଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପଲେଇ ଙ୍କ ଚାକିରି ଆରମ୍ଭରୁ ଅବସର ପର୍ଯ୍ୟନ୍ତ ୩୯ ବର୍ଷ ର କର୍ମମୟ ଜୀବନ ଉପରେ ବକ୍ତା ଭାବେ ଲାମ୍ପସ ନିର୍ଦ୍ଦେଶକ ଅଭିମନ୍ୟୁ ମିଶ୍ର, କେଦାର ମାହାନ୍ତ ଏବଂ ବିଶିଷ୍ଟ ଅତିଥି ତଥା ପୂର୍ବତନ ନିର୍ଦ୍ଦେଶକ ଯୁଗଳ କିଶୋର ମାହାନ୍ତ ତାଙ୍କ ବକ୍ତବ୍ୟ ରଖି ଭୂୟସୀ ପ୍ରଶଂସା କରିଥିଲେ । ଅନୁରୂପ ଭାବେ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପଲେଇ ମଧ୍ୟ ତାଙ୍କ ଚାକିରି କାଳର ଅତୀତ ର ଘଟଣାବଳି କୁ ବର୍ଣ୍ଣନା କରିଥିଲେ । ଏହି ଅବସରରେ ତାଙ୍କୁ ପ୍ରଶଂସା ପତ୍ର ଦେଇ କର୍ମବୀର ସମ୍ମାନ ରେ ଭୂଷିତ କରାଯାଇଥିଲା । ସଭା ଶେଷରେ ଲ୍ୟାମ୍ପସ ନିର୍ଦ୍ଦେଶକ କେଦାର ମାହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନିଶା ବିରୋଧରେ ସଦର ଥାନାର ଜୋରଦାର ଅଭିଯାନ

- 'ଆମ ପୋଲିସ ସମିତି' ବୈଠକରେ ଅପରାଧମୁକ୍ତ
- ଦୁର୍ଘଟଣାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ

**ଫୁଲନଖରା,୪ ।୭ :** ସମାଜରେ ଶାନ୍ତି, ସୁରକ୍ଷା ଓ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କଟକ ସଦର ଥାନା ପକ୍ଷରୁ 'ଆମ ପୋଲିସ ସମିତି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଆଇନଜୀବୀ, ଜନପ୍ରତିନିଧି, ସାମ୍ବାଦିକ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ଜୋନ୍–୪ ଏସିପି ଅମିତାଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର ଶାସନ ପ୍ରତିଷ୍ଠା, ଜନସାଧାରଣଙ୍କ ସହଯୋଗ ଓ ଅପରାଧମୁକ୍ତ ସମାଜ ଗଠନରେ ପୋଲିସ-ଜନତାଙ୍କ ସମନ୍ୱୟ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ ଏବଂ କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ତଥା କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ ଉପସ୍ଥିତ ରହି ସାମାଜିକ ସଚେତନତା, ନୈତିକ ମୂଲ୍ୟବୋଧ ଓ ଆଇନ ପ୍ରତି ସମ୍ମାନ ବୃଦ୍ଧିର ଆବଶ୍ୟକତା ଉପରେ ମତ ରଖିଥିଲେ । ବୈଠକର ମୁଖ୍ୟ ଆକର୍ଷଣ ଥିଲା 'ନିଶାମୁକ୍ତ ଓଡ଼ିଶା ଅଭିଯାନ' । ଆଲୋଚନାରେ କୁହାଯାଇଥିଲା ଯେ, ନିଶା ସେବନ କେବଳ ଜଣେ ବ୍ୟକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରେ ନାହିଁ, ବରଂ ପରିବାର, ସମାଜ ଓ ଯୁବପିଢ଼ିର ଭବିଷ୍ୟତକୁ ମଧ୍ୟ ବିପଦ ଆଡ଼କୁ ଠେଲିଦିଏ । ମାଦକଦ୍ରବ୍ୟର କବଳରେ ପଡ଼ି ଅନେକ ଯୁବକ ଅପରାଧ ଦିଗକୁ ମୁହାଁଉଥିବା ବେଳେ ପରିବାରରେ ଅଶାନ୍ତି, ଆର୍ଥିକ ଅନଟନ ଓ ସାମାଜିକ ଅବକ୍ଷୟ ବୃଦ୍ଧି ପାଉଛି । ତେଣୁ ନିଶା ବିରୋଧୀ ସଚେତନତାକୁ ଘରେ ଘରେ ପହଞ୍ଚାଇବା ସହିତ ଯୁବସମାଜଙ୍କୁ କ୍ରୀଡ଼ା, ଶିକ୍ଷା, ସଂସ୍କୃତି ଓ ସୃଜନଶୀଳ କାର୍ଯ୍ୟକଳାପ ଆଡ଼କୁ ଆକର୍ଷିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବକ୍ତାମାନେ ମତ ରଖିଥିଲେ ଯେ, କେବଳ ପୋଲିସ ପ୍ରଶାସନର ପ୍ରୟାସ ଦ୍ୱାରା ନିଶାମୁକ୍ତ ସମାଜ ଗଠନ ସମ୍ଭବ ନୁହେଁ । ଏଥିପାଇଁ ଅଭିଭାବକ, ଶିକ୍ଷକ, ସମାଜସେବୀ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ । ଯଦି ସମସ୍ତେ ମିଳିତ ଭାବେ ନିଶା ବିରୋଧରେ ସ୍ୱର ଉତ୍ତୋଳନ କରିବେ, ତେବେ ଏକ ସୁସ୍ଥ, ସୁରକ୍ଷିତ ଓ ସଂସ୍କାରବାନ ଓଡ଼ିଶା ଗଠନ କରାଯାଇପାରିବ । ଏହି ଅବସରରେ ସମସ୍ତ ଉପସ୍ଥିତ ସଦସ୍ୟ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ଏହାସହିତ ସଦର ଥାନା ଅଞ୍ଚଳରେ ଚୋରି, ରାହାଜାନି, ସଡ଼କ ଦୁର୍ଘଟଣା ଓ ଅନ୍ୟାନ୍ୟ ସାମାଜିକ ଅପରାଧ କିପରି ହ୍ରାସ ପାଇବ, ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନପ୍ରତିନିଧିମାନେ ପୋଲିସ ସହ ସମନ୍ୱୟ ରଖି ଅପରାଧ ଦମନ, ଟ୍ରାଫିକ ସଚେତନତା, ରାତ୍ରିକାଳୀନ ପାଟ୍ରୋଲିଂ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ସୂଚନା ପ୍ରଦାନ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ । ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ପୋଲିସ କେବଳ ଆଇନ ପ୍ରୟୋଗକାରୀ ସଂସ୍ଥା ନୁହେଁ, ବରଂ ସମାଜର ବିଶ୍ୱସ୍ତ ସହଯୋଗୀ ।




Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati